୨୫ ଫେବୃଆରୀ - ୨ ମାର୍ଚ୍ଚ ୨୦୨୪

ସକାଳ
THE SAKALA
ରବିବାର
ସିନ୍ଦୁରା

- ହଜି ଯାଉଛି ଋତୁ
- ମାନବ ଅସ୍ତିତ୍ୱ ପାଇଁ ନାଲି ଗାର
- ଋତୁ ପରିବର୍ତ୍ତନର କୁପରିଣାମ
- ବିପଦରେ ଜୀବଜଗତ
- ବଢୁଛି ମାନସିକ ଚାପ
- ଚର୍ମ ଉପରେ କୁପ୍ରଭାବ



# ଋତୁ ବିଭ୍ରାଟ



ସଂକଟରେ ସାରା ଜୀବଜଗତ । ଜଳବାୟୁ ପରିବର୍ତ୍ତନ ଯୋଗୁଁ ସମଗ୍ର ବିଶ୍ୱ ପ୍ରଭାବିତ । ଗ୍ଲୋବାଲ୍ ୱାର୍ମିଂ ବା ଭୂମଣ୍ଡଳୀୟ ତାପମାତ୍ରା ବୃଦ୍ଧି ଫଳରେ ପାହାଡ଼ ଚଟାଣଠାରୁ ଆରମ୍ଭ କରି ଗଭୀର ସମୁଦ୍ର ପର୍ଯ୍ୟନ୍ତ ପୃଥିବୀ ଉତ୍ତପ୍ତ ହେବାରେ ଲାଗିଛି । ବୈଶ୍ୱିକ ଉଷ୍ମାୟନର ପ୍ରଭାବରେ ତରଳିବାରେ ଲାଗିଛି ଗ୍ଲାସିୟର୍ । ନିଆଁ ଲାଗି ବ୍ୟାପକ ପରିମାଣରେ ଜଙ୍ଗଲ ନଷ୍ଟ ହେଉଛି । ଚିରସବୁଜ ପ୍ରାକୃତିକ ପରିବେଶ ବିପର୍ଯ୍ୟୟ ହେବାରେ ଲାଗିଛି । ସେପଟେ ଉତ୍ତାପ ବୃଦ୍ଧି, ବାତ୍ୟା, ମରୁଡ଼ି ଓ ଝଡ଼ ତୋଫାନ ହେବାରେ ଲାଗିଛି ।

ଧୀରେ ଧୀରେ ବିଶ୍ୱ ତାପମାତ୍ରା ବଢ଼ିବାରେ ଲାଗିଛି । ଫଳରେ ଭୟଙ୍କର ଭାବେ ଋତୁଚକ୍ରରେ ପରିବର୍ତ୍ତନ ହେଉଛି । ଭାରତରେ ମଧ୍ୟ ଜଳବାୟୁ ପରିବର୍ତ୍ତନ କୁପ୍ରଭାବ ପଡୁଛି । ଅନିୟମିତ ମୌସୁମୀ ପାଇଁ ଫସଲ ବ୍ୟାପକ ଭାବରେ କ୍ଷତି ହେଉଛି । ଫଳରେ ସାମାଜିକ ଓ ଆର୍ଥିକ ଦିଗ ବହୁ ଭାବରେ ପ୍ରଭାବିତ ହେଉଛି । ଆବଶ୍ୟକ ପରିମାଣର ଫସଲ ଉତ୍ପାଦନ ନହେବା ଦ୍ୱାରା ଚାଉଳଠାରୁ ଆରମ୍ଭ କରି ପରିବା ପର୍ଯ୍ୟନ୍ତ ଦର ଆକାଶଛୁଆଁ ହୋଇଥାଏ । ଜଳବାୟୁ ପରିବର୍ତ୍ତନ ତୀବ୍ର ହେବାରେ ଲାଗିଲେ, ଭୂମଣ୍ଡଳୀୟ ତାପମାତ୍ରା ମଧ୍ୟ ବଢ଼ି ବଢ଼ି ଯିବ । ଫଳରେ ବାତ୍ୟା, ଲୁ, ଝଡ଼ ତୋଫାନ ଭଳି ପ୍ରାକୃତିକ ବିପର୍ଯ୍ୟୟ ଘଟଣା ଅଧିକ ହେବା ସହିତ ପରିସ୍ଥିତି ଗମ୍ଭୀର ହେବାରେ ଲାଗିବ ।

ଅସ୍ୱାଭାବିକ ଜଳବାୟୁ ପରିବର୍ତ୍ତନ ଯୋଗୁଁ ସୃଷ୍ଟି ହେଉଛି ନାନା ସମସ୍ୟା । ବର୍ଷା ଋତୁରେ ଠିକ୍ ଭାବେ ବର୍ଷା ହେଉନାହିଁ । ଆବଶ୍ୟକ ପରିମାଣର ବର୍ଷାର ଅଭାବ ଯୋଗୁଁ ପ୍ରଭାବିତ ହେଉଛି ସମଗ୍ର ଜୀବଜଗତ । ଗ୍ରୀଷ୍ମ ଋତୁରେ ଅନୁଭୂତ ହେଉ ନାହିଁ ଗରମ । ପୁଣି ଶୀତ ଋତୁରେ ଶୀତ ଲହରୀ ନାହିଁ । ହଜି ଯାଉଛି ଶରତ, ହେମନ୍ତ ଓ ବସନ୍ତ ଋତୁ । ଅସ୍ୱାଭାବିକ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସାରା ବିଶ୍ୱ ଉପରେ ପଡୁଛି । ମଣିଷ ବିଭିନ୍ନ ପ୍ରକାର ଚର୍ମ ଓ ମାନସିକ ରୋଗର ଶିକାର ହେଉଛି । ପ୍ରାକୃତିକ ପରିବେଶ ନଷ୍ଟ ହେବାରେ ଲାଗିଛି । ସେପଟେ ଜଙ୍ଗଲ ପୋଡ଼ି, ସମୁଦ୍ର ଜଳପତନ ବୃଦ୍ଧି ପାଇବାରେ ଲାଗିଛି । ଜଳବାୟୁ ପରିବର୍ତ୍ତନର କାରଣ ଓ କୁପରିଣାମକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା: **ଋତୁ ବିଭ୍ରାଟ**

ପ୍ରସ୍ତୁତି 'ସକାଳ' ବ୍ୟୁରୋ



ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

## କେମିତି କଟିବ ସପ୍ତାହ



**ମେଷ**
ରବିବାରରେ ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ । ସୋମ, ମଙ୍ଗଳ, ବୁଧବାରରେ ଘରେ ଶାନ୍ତିଶୃଙ୍ଖଳା ରହିବ । ଗୁରୁ, ଶୁକ୍ରବାରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପୂରଣ କରି ଅନିଶ୍ଚିତତାରେ ରହିବେ । ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ । ଶନିବାରରେ ପଦୋନ୍ନତିର ଯୋଗ ରହିଛି ।



**ବୃଷ**
ରବିବାରରେ ମନ ବିଚଳିତ ହୋଇପାରେ । ଅତ୍ୟଧିକ କ୍ରୋଧରୁ ଦୂରେଇ ରୁହନ୍ତୁ । ସୋମ, ମଙ୍ଗଳ, ବୁଧବାରରେ କର୍ମକ୍ଷେତ୍ରରେ ପରିବର୍ତ୍ତନ ସହିତ ପ୍ରଗତିର ସମ୍ଭାବନା ରହିଛି । ଗୁରୁ, ଶୁକ୍ରବାରରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସାହାଯ୍ୟ ପାଇବେ । ଶନିବାରରେ ସମସ୍ୟା ଦୂର ହେବ । ଦୂରଯାତ୍ରା ଯୋଗ ରହିଛି ।



**ମିଥୁନ**
ରବିବାରରେ ବିଭିନ୍ନ କାର୍ଯ୍ୟରେ ପ୍ରତିବନ୍ଧକ ଦେଖାଦେବ । ପରିବାରରେ ଲାଗିରହିଥିବା ସମସ୍ୟା ଅପସରି ଯିବ । ସୋମ, ମଙ୍ଗଳ, ବୁଧବାରରେ କ୍ୟାରିୟର ପାଇଁ ଚିନ୍ତିତ ରହିବେ । ଗୁରୁ, ଶୁକ୍ରବାରରେ ବ୍ୟବସାୟ ପ୍ରସାରିତ ହେବ । ଶନିବାରରେ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି ପାଇବାକୁ ଲାଗିବ ।



**କର୍କଟ**
ରବିବାରରେ ପୈତୃକ ସମ୍ପତ୍ତି ହାସଲ କରିବାରେ ଆସୁଥିବା ବାଧା ଦୂର ହେବ । ସୋମ, ମଙ୍ଗଳ, ବୁଧବାରରେ କର୍ମକ୍ଷେତ୍ରରେ ପୂର୍ଣ୍ଣ ଆଗ୍ରହ ସହ କାର୍ଯ୍ୟ କରିବେ । ଗୁରୁ, ଶୁକ୍ରବାରରେ ଦାମ୍ପତ୍ୟ ଜୀବନରେ ଭୁଲ୍ ବୁଝାମଣା ଦେଖାଦେଇପାରେ । ଶନିବାରରେ ବ୍ୟବସାୟୀମାନଙ୍କୁ ଆଶାଠାରୁ ଅଧିକ ଲାଭ ମିଳିପାରେ ।



**ସିଂହ**
ରବିବାରରେ ସମାଜରେ ସମ୍ମାନିତ ହେବେ । ସୋମ, ମଙ୍ଗଳ, ବୁଧବାରରେ କଠୋର ପରିଶ୍ରମ ଓ ଧୈର୍ଯ୍ୟ ଶକ୍ତି ପାଇଁ ସଫଳତା ପାଇବେ । ଗୁରୁ, ଶୁକ୍ରବାରରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ଘରକୁ ହଠାତ୍ ବନ୍ଧୁବାନ୍ଧବଙ୍କ ଆଗମନ ହୋଇପାରେ । ଶନିବାର କର୍ମକ୍ଷେତ୍ରରେ ପ୍ରଶଂସାର ଅଧିକାରୀ ହେବେ ।



**କନ୍ୟା**
ରବିବାରରେ ମନରୁ ଖରାପ ଭାବନା ଅପସରି ଯିବ । ସୋମ, ମଙ୍ଗଳ, ବୁଧବାରରେ ଆୟ ଅପେକ୍ଷା ବ୍ୟୟ କମ୍ ରହିବ । ସମସ୍ତ କାର୍ଯ୍ୟରେ ସଫଳତା ପାଇବେ । ଗୁରୁ, ଶୁକ୍ରବାରରେ ନିଜର ପ୍ରିୟବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖାଦେବ । ଶନିବାରରେ ମହିଳାମାନେ ସହକର୍ମୀଙ୍କଠାରୁ ସହଯୋଗ ପାଇବେ ।



**ତୁଳା**
ରବିବାରରେ ଅଫିସ୍ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି । ସୋମ, ମଙ୍ଗଳ, ବୁଧବାରରେ କୌଣସି ବିହାହ ପ୍ରସ୍ତାବ ଆସିପାରେ । ସଫଳତା ପାଇବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରିବେ । ଗୁରୁ, ଶୁକ୍ରବାରରେ ମନରେ ପ୍ରସନ୍ନତା ଭାବ ପ୍ରକାଶ ପାଇବ । ଶନିବାରରେ ବ୍ୟବସାୟରେ ଉତ୍ତମ ଲାଭହେବ ।



**ବିଛା**
ରବିବାରରେ କ୍ଷମତାଶାଳୀ ବ୍ୟକ୍ତିଙ୍କ ସହାୟତା ପାଇବେ । ସୋମ, ମଙ୍ଗଳ, ବୁଧବାରରେ ସମାଜରେ ମାନସମ୍ମାନର ଅଧିକାରୀ ହେବେ । ଗୁରୁ, ଶୁକ୍ରବାରରେ ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ଦେଖାଦେବ । ଶନିବାରରେ ଅନ୍ୟକୁ ଦେଇଥିବା ଧନ ଫେରି ପାଇବେ । ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ ।



**ଧନୁ**
ରବିବାରରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହଯୋଗ ପାଇବେ । ସୋମ, ମଙ୍ଗଳ, ବୁଧବାରରେ ନିଜ ଲକ୍ଷ୍ୟରୁ ବିଚ୍ୟୁତ ହୋଇପାରନ୍ତି । ଗୁରୁ, ଶୁକ୍ରବାରରେ ମହିଳାମାନେ ପାରିବାରିକ କାର୍ଯ୍ୟରେ ବ୍ୟସ୍ତ ରହିବେ । ଶନିବାରରେ ଧନରେ ବୃଦ୍ଧି ଘଟିବ । ଜୀବନରେ ନୂତନ ମୋଡ଼ ସୃଷ୍ଟି ହୋଇପାରେ ।



**ମକର**
ରବିବାରରେ ମଉଜ ମଜଲିସ୍‌ରେ ଅଧିକ ଆଗ୍ରହ ରହିବ । ସୋମ, ମଙ୍ଗଳ, ବୁଧବାରରେ କର୍ମରେ ଏକାଗ୍ରତା ଓ ଆନ୍ତରିକତା ଅଧିକ ରହିବ । ବ୍ୟବସାୟୀମାନେ ଆଶାଠାରୁ ଅଧିକ ସଫଳତା ପାଇବେ । ଗୁରୁ, ଶୁକ୍ରବାରରେ ପରିବାରରେ ସୁଖଶାନ୍ତି ବୃଦ୍ଧି ପାଇବ । ଶନିବାରରେ ଭାଇଭଉଣୀଙ୍କ ସହଯୋଗ ପାଇବେ ।



**କୁମ୍ଭ**
ରବିବାରରେ କିଛିଟା ଉତ୍ତେଜନା ଭିତରେ କାର୍ଯ୍ୟ ତୁଲାଇବେ । ସାଙ୍ଗସାଥୀଙ୍କ ସହ ନୂତନ ଯୋଜନା ପ୍ରସ୍ତୁତ କରିବେ । ସୋମ, ମଙ୍ଗଳ, ବୁଧବାରରେ ବିଭିନ୍ନ କ୍ଷେତ୍ରରେ ଅର୍ଥପ୍ରାପ୍ତି ଯୋଗ ରହିଛି । ଗୁରୁ, ଶୁକ୍ରବାରରେ ଜମିଜମା କଥାକୁ ନେଇ ବିବାଦ ଉପୁଜିପାରେ । ଶନିବାରରେ ଉଚ୍ଚ ସମ୍ମାନର ଅଧିକାରୀ ହୋଇପାରନ୍ତି ।



**ମୀନ**
ରବିବାରରେ କୌଣସି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ କରିପାରନ୍ତି । ସୋମ, ମଙ୍ଗଳ, ବୁଧବାରରେ ମନରେ ବ୍ୟାକୁଳତା ଅନୁଭବ ହେବ । ପରିବାରରେ ସୁଖଶାନ୍ତିର ପରିବେଶ ରହିବ । ଗୁରୁ, ଶୁକ୍ରବାରରେ ଚିନ୍ତାରେ ବୁଡ଼ି ରହିବେ । ଶନିବାରରେ ଛାତ୍ରଛାତ୍ରୀମାନେ ସଫଳତା ପାଇବେ ।



# ହଜି ଯାଉଛି ଋତୁ

ପ୍ରଦୀପ ଭାରତୀ

ଗ୍ରୀଷ୍ମେ ବୈଶାଖ ଜ୍ୟେଷ୍ଠ ମାସ
ପ୍ରଚଣ୍ଡ ରୌଦ୍ର ପରକାଶ ॥
ବର୍ଷାରେ ଆଷାଢ଼ ଶ୍ରାବଣ
ମେଘ ବରଷେ ଘନ ଘନ ॥
ଭାଦ୍ର, ଆଶ୍ୱିନ ଶରତରେ
ନିର୍ମଳ ଶୋଭା ଜଗତରେ ॥
ହିମେ କାର୍ତ୍ତିକ, ମାର୍ଗଶିର
ରାତିରେ ପଡ଼ଇ ଶିଶିର ॥
ଶୀତରେ ପୌଷ, ମାଘ ମାସ
ଦେହରେ ରଖ ଶୀତ ବାସ ॥
ଫାଲ୍‌ଗୁନ, ଚୈତ୍ର ବସନ୍ତରେ
ମୃଦୁ ମଳୟ ମନ ହରେ ॥
ବାର ମାସର କଥା ଏହି
ହେଜ ବାଳକେ ମନ ଦେଇ ॥

ଋତୁଚକ୍ରକୁ ସରଳ ଭାବେ ବର୍ଣ୍ଣନା କରିବା ଉଦ୍ଦେଶ୍ୟରେ ଭକ୍ତକବି ମଧୁସୂଦନ ରାଓଙ୍କ ଲିଖନୀରୁ ସୃଷ୍ଟି ହୋଇଥିବା ଏହି ମହାନ କାଳଜୟୀର ସୃଷ୍ଟିର ପ୍ରାସଙ୍ଗିତା ଏବେ ସଙ୍କଟରେ । ୬ ଋତୁକୁ ଅନୁଭବ କରିବା ଏବେ ସ୍ୱପ୍ନ । ଏବେ ବସନ୍ତରେ ମୃଦୁ ମଳୟ ବହୁଛି ନା ମାଘରେ ଶୀତ ହେଉଛି । ଏବେ ତ ୬ ଋତୁରୁ ୩ ଋତୁ ଉଭାନ ହେବା ପରେ ବି ବିଲକ୍ଷଣ ଜାରି ରହିଛି । ଯଦି ମଧୁସୂଦନ ପାଣିପାଗକୁ ପ୍ରଭାବିତ କରୁଥିବା ଲା-ନିନା କିମ୍ବା ଏଲ୍-ନିନୋ ବିଷୟରେ ଅବଗତ ହୋଇଥାନ୍ତେ ବା ଧୀରେ ଧୀରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମ୍ପୂର୍ଣ୍ଣ ଋତୁଚକ୍ରକୁ ବଦଳାଇ ଦେବ ବୋଲି ଜାଣିଥାନ୍ତେ ତା'ହେଲେ, ତାଙ୍କର ଲେଖା କିଛି ଅଲଗା ହୋଇଥାନ୍ତା ବୋଧହୁଏ ।

## ବସନ୍ତ ଆସୁ ନାହିଁ

ଶୀତ ଛାଡ଼ିଗଲେ ଆଉ ବସନ୍ତ ଆସୁ ନାହିଁ। ଏଇ ଯେମିତି ଚଳିତ ବର୍ଷ ଫେବୃଆରୀ ଆରମ୍ଭରୁ ତାପମାତ୍ରା ୪୦ ଡିଗ୍ରୀ ମୁହାଁ ହେଲାଣି। ସେମିତି ଏବେ ଅନାବୃଷ୍ଟି ଓ ଅତିବୃଷ୍ଟି ପାଣିପାଗ ପାଗକୁ ବିଗାଡ଼ି ଦେଲାଣି । ଜଳବାୟୁ ପରିବର୍ତ୍ତନ ଯୋଗୁ ଏହି ସମସ୍ତ ପ୍ରକାର ସମସ୍ୟା ସୃଷ୍ଟି ହୋଇଛି । ଭୂମଣ୍ଡଳ, ବାୟୁମଣ୍ଡଳ, ଜୀବଜଗତ ଓ ଜଳଭାଗରେ ଘଟୁଥିବା ନିୟାମକ ଉପରେ ଜଳବାୟୁ ନିର୍ଭର କରେ। ଏହି ୪ ମଣ୍ଡଳରେ ପରସ୍ପର ମଧ୍ୟରେ ବିଭିନ୍ନ ଉପାଦେୟ ବିନିମୟ ହୋଇଥାଏ। ତେବେ ବର୍ତ୍ତମାନ ପ୍ରାୟ ସମସ୍ତ ମଣ୍ଡଳରେ ପରିବର୍ତ୍ତନ ଘଟିଛି। ବିଶ୍ୱ ତାପାୟନ ଯୋଗୁଁ ତାପମାତ୍ରା ବୃଦ୍ଧି ପାଇଚାଲିଛି। ଯାହାଦ୍ୱାରା ଶୀତ ଦିନରେ ଅବଧି ସଂଖ୍ୟା କମିବା ସହିତ ବର୍ଷା ଦିନେ ବର୍ଷା ବିଳମ୍ବରେ ଆସୁଛି ଓ ଯାଉଛି । ବର୍ଷାର ଦିନସଂଖ୍ୟା କମୁଥିବା ବେଳେ ଯେତିକି ଦିନ ବର୍ଷା ହେଉଛି, ବହୁତ ଅଧିକ ବର୍ଷା ହେଉଛି । ବର୍ତ୍ତମାନ ଅନାବୃଷ୍ଟି ଓ ଅତିବୃଷ୍ଟିର ପରିସ୍ଥିତି ଚାଷ କାମକୁ ବିଗାଡ଼ି ଦେଉଛି। ସେହିପରି ଅନାବୃଷ୍ଟି ସମୟରେ ଆକାଶରେ ମେଘ ରହୁନାହିଁ। ଯାହାଦ୍ୱାରା ଆକାଶ ନିର୍ମଳ ହେତୁ ସୂର୍ଯ୍ୟକିରଣ ପୃଥିବୀ ଉପରେ ସିଧା ପଡୁଛି । ଏହାଦ୍ୱାରା ଗରମ ହେବାରୁ ଶୀତ ଦିନରେ ମଧ୍ୟ ଖରାଦାଉରୁ ରକ୍ଷା ପାଇବା ପାଇଁ ଛତାର ଆବଶ୍ୟକତା ପଡୁଛି । ଶୀତର ଅବଧି କମୁଥିଲେ ମଧ୍ୟ ମଝିରେ ମଝିରେ ଶୀତର ଲହରି ଦେଖା ଦେଉଛି।

ରାଜ୍ୟରେ ଫେବୃଆରୀ ମାସରୁ ଗରମ ଆରମ୍ଭ ହେବା ଏକ ପ୍ରକାର ଧାରା ସୃଷ୍ଟି ହୋଇଛି । ବିଶେଷ କରି ଶୀତ ଦିନର ଅନିଶ୍ଚିତା ବଢ଼ି ଯାଇଛି । ହଠାତ୍ ଶୀତ ବଢ଼ିଯାଉଥିବା ବେଳେ ହଠାତ୍ କମି ମଧ୍ୟ ଯାଉଛି। ଦ୍ରୁତ ସହରୀକରଣ ସ୍ଥଳଭାଗରେ ପରିବର୍ତ୍ତନ ଓ ଜଳ ଭାଗ କମିଯିବା ଆଦି କାରଣରୁ ଏହି ସବୁ ସମସ୍ୟାମାନ ସୃଷ୍ଟି ହେଉଛି ବୋଲି ଗବେଷଣାରୁ ଜଣାପଡୁଛି। ଜଳବାୟୁ ପରିବର୍ତ୍ତନ ସହିତ ତାପମାତ୍ରାରେ ଅସନ୍ତୁଳନ ଯୋଗୁଁ ଏହି ସମସ୍ୟା ସୃଷ୍ଟି ହେଉଛି। ସାଧାରଣତଃ ତାପମାନ ବଢ଼ିଲେ ବାୟୁ ମଣ୍ଡଳ ଅଧିକ ଜଳୀୟବାଷ୍ପ ଗ୍ରହଣ କରିଥାଏ। ଏହାଦ୍ୱାରା ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି ହୁଏ। ବିଶେଷ କରି ବଜ୍ରପାତ ଜନିତ ସମସ୍ୟାକୁ ଏହା ବୃଦ୍ଧି କରିଥାଏ। ଏବେ ଏହି ବିପଦ ଯୋଗୁଁ ରାଜ୍ୟରେ ପ୍ରତିବର୍ଷ ଶତାଧିକ ଲୋକଙ୍କ ଜୀବନ ଯାଉଛି।





## ପରମ୍ପରା ଉପରେ ଜଳବାୟୁ ପ୍ରହାର

ମଣିଷ ପ୍ରକୃତିକୁ ଦେଖି କେତେଗୁଡ଼ିଏ ପର୍ବପର୍ବାଣି ପାଳନ କରିଆସୁଛି । ଲୋକମାନଙ୍କର ଜୀବନ କେମିତି ସରଳ ଓ ସୁନ୍ଦର ହେବ ସେଥିରେ ପର୍ବପର୍ବାଣିର ବଡ଼ ଭୂମିକା ରହୁଛି। ଜଳବାୟୁ ସହିତ ପର୍ବପର୍ବାଣିର ସମ୍ପର୍କ ବେଶ୍ ନିବିଡ଼ ରହୁଥିଲା । କୃଷିପ୍ରଧାନ ରାଜ୍ୟ ଭାବେ ଓଡ଼ିଶା ସଂସ୍କୃତିରେ ଏମିତି ଅନେକ ପର୍ବ ରହିଛି । ମାତ୍ର ବର୍ତ୍ତମାନ ପରିସ୍ଥିତିରେ ଓଡ଼ିଶା ସଂସ୍କୃତି ଓ ପର୍ବପର୍ବାଣି ପାଳନ ଉପରେ ଜଳବାୟୁ ପରିବର୍ତ୍ତନ ଏକ ବଡ଼ ଆହ୍ୱାନ ସାଜିଛି। ମୁଖ୍ୟତଃ ଓଡ଼ିଶାର ରଜ ପର୍ବ ସହିତ ବର୍ଷାର ବେଶ୍ ନିବିଡ଼ ସମ୍ପର୍କ ଥିବା ବେଳେ ଗଲା କିଛି ବର୍ଷ ହେବ ରଜ ସମୟରେ ବର୍ଷା ବଦଳରେ ଅଗ୍ନିବର୍ଷା ଖରା ଅନୁଭୂତ ହୋଇଛି । ଗତବର୍ଷ ଅର୍ଥାତ୍ ୨୦୨୩ ମସିହା ପହିଲି ରଜ ଦିନ ଓଡ଼ିଶାରେ ତାପମାତ୍ରା ୪୪ ଡିଗ୍ରୀ ଉପରେ ରହିବା ଜଳବାୟୁ ପରିବର୍ତ୍ତନର ଉପସ୍ଥିତିକୁ ଜାହିର କରିଥିଲା । ସାଧାରଣତଃ ଓଡ଼ିଶାରେ ଜୁନ୍ ୧୦ ତାରିଖ ସୁଦ୍ଧା ମୌସୁମୀ ଛୁଇଁଯାଉଥିବା ବେଳେ ରଜ ପର୍ବ ଝିପିଝିପି ବର୍ଷା ପାଗରେ ପାଳନ ହୁଏ। ରଜ ପରଠାରୁ ଚାଷ କାର୍ଯ୍ୟ ମଧ୍ୟ ଆଗକୁ ବଢ଼େ। ହେଲେ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଯୋଗୁଁ ପର୍ବପର୍ବାଣି ପାଳନର ପରମ୍ପରା ସମ୍ପୂର୍ଣ୍ଣ ବଦଳି ଯାଇଛି । ଋତୁଚକ୍ରରୁ ୩ ଟି ଋତୁ ଶରତ, ହେମନ୍ତ ଓ ବସନ୍ତ ହଜି ସାରିଥିବା ବେଳେ ବର୍ତ୍ତମାନ ଅନୁଭବ କରି ହେଉଥିବା ୩ ଋତୁରେ ଅନେକ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଯେଉଁ ସମୟରେ ଯାହା ହେବା କଥା ତାହା ଆଉ ଦେଖିବାକୁ ମିଳୁନି। ଶୀତଳ ଷଷ୍ଠୀ

ସହିତ ବର୍ଷାର ସମ୍ପର୍କ ରହିଛି । ଶୀତଳ ଷଷ୍ଠୀରେ ବର୍ଷା ଅନୁଭୂତ ହେବା ଦ୍ୱାରା ଏହା ପରଠାରୁ ଗରମରେ ରୋକ୍ ଲାଗିବା ନେଇ ଓଡ଼ିଆ ପରମ୍ପରାରେ ଦର୍ଶାଯାଇଛି । ଅକ୍ଷୟ ତୃତୀୟା ଅଖିମୁଠି ଅନୁକୂଳ ବେଳେ ବିଲର ଲଙ୍ଗଳ ଚାଲିବା କଷ୍ଟକର ହୋଇପଡୁଛି । ଚାଷୀମାନେ କେବଳ ବିହନ ବୁଣି ଏହି ପର୍ବ ଶେଷ କରୁଛନ୍ତି । ଦେବସ୍ନାନ ପୂର୍ଣ୍ଣିମାରେ ମଧ୍ୟ ବର୍ଷା ହେବା ନେଇ ଓଡ଼ିଆ ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି । ମାତ୍ର ଏସବୁରେ ବିରାମ ଲାଗିବା ବର୍ତ୍ତମାନ ଓଡ଼ିଆ ସଂସ୍କୃତି ଓ ନୂଆ ପିଢ଼ି ପାଇଁ ନୂଆ ହେବାରେ ଲାଗିଛି । ତେବେ ଏହି ସବୁ ଘଟଣା ପାଇଁ ଗବେଷକମାନେ ଲୋକମାନଙ୍କୁ ଦାୟୀ କରୁଥିବା ବେଳେ ଏହାଦ୍ୱାରା ସମାଜରେ ପରିବର୍ତ୍ତନ ଘଟୁଛି ବୋଲି କହିଛନ୍ତି ।

ମୁଖ୍ୟତଃ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ଆଗକୁ ମଧ୍ୟ ଏହାର ପ୍ରଭାବ ବୃଦ୍ଧି ପାଇବାର ଆଶଙ୍କା ରହିଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ଋତୁଚକ୍ରରେ ପରିବର୍ତ୍ତନ ଘଟିବାରେ ଲାଗିଛି । ବାୟୁମଣ୍ଡଳରେ ତାପମାତ୍ରା ପରିବର୍ତ୍ତନ ଯୋଗୁଁ ଆର୍ଦ୍ରତାରେ ପରିବର୍ତ୍ତନ ହେଉଛି । ଅନ୍ୟପଟେ କିଛି ପର୍ବପର୍ବାଣିରେ ଆବଶ୍ୟକ ହେଉଥିବା ଗଛ ମଧ୍ୟ ମିଳୁନାହିଁ । ଦୋଳ ପୂର୍ଣ୍ଣିମାରେ ଆମ୍ବ କଷିର ଆବଶ୍ୟକ ହେଉଥିବା ବେଳେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଆମ୍ବ ବଉଳ ଠିକ୍ ସମୟରେ ଧରୁନି । ଅନିୟମିତତା ବର୍ଷା ସାଙ୍ଗକୁ ଗରମ ଲାଗି ରହୁଛି । ଯେଉଁ ସମୟରେ ଗଛରେ ଫୁଲ ଆସିବା କଥା ତାହା ଆଉ ଆସିପାରୁନି । ସମାନ ଭାବେ ମୌସୁମୀ ଆରମ୍ଭରୁ ରାଜ୍ୟରେ ନିଅଣ୍ଟିଆ ବର୍ଷା ହେଉଥିବା ଯୋଗୁଁ ଚାଷ କାର୍ଯ୍ୟ ମଧ୍ୟ ବିଳମ୍ବ ହେବାରେ ଲାଗିଛି । ଲଗାତାର ଭାବେ ଏହି ପ୍ରକ୍ରିୟା କିଛି ବର୍ଷା ହେବ ଘଟି ଚାଲିଛି । ଯାହାଦ୍ୱାରା ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇରେ ବିଲରୁ ନୂଆ ଧାନ ଅମଳ କରିବା ମଧ୍ୟ ଆଉ ସମ୍ଭବ ହେଉନାହିଁ । ପାଚିଲା ଧାନ ବଦଳରେ ପଶ୍ଚିମ ଓଡ଼ିଶାବାସୀ ଧାନ କେଣ୍ଡାରେ ପରମ୍ପରା ରକ୍ଷା କରୁଛନ୍ତି । ସମାନ ଘଟଣା ମାଣବସାରେ ମଧ୍ୟ ଘଟୁଛି । ବିଲରୁ ନୂଆ ଧାନ ଆଣି ପ୍ରତି ଓଡ଼ିଆ ପାଳନ କରୁଥିବା ଏହି ପର୍ବରେ ସଠିକ୍ ସମୟରେ ଧାନ ନ ମିଳିବା ଯୋଗୁଁ ପରମ୍ପରା ରକ୍ଷା ପାଇଁ ବଡ଼ ଆହ୍ୱାନ ସୃଷ୍ଟି ହୋଇଛି ।



## ବିଶ୍ୱ ତାପନ ଯୋଗୁଁ ପରିବର୍ତ୍ତନ

ଦିନକୁ ଦିନ ଭୂମଣ୍ଡଳରେ ବୃଦ୍ଧି ପାଉଥିବା ତାପମାତ୍ରା ଓ ଏହା ଯୋଗୁଁ ବାୟୁମଣ୍ଡଳରେ ହେଉଥିବା ପରିବର୍ତ୍ତିନକୁ ବିଶ୍ୱ ତାପନ ବା 'ଗ୍ଲୋବାଲ୍ ୱାର୍ମିଂ' କୁହାଯାଏ । ଏହାକୁ ସରଳ ଭାବେ ବୁଝିଲେ ଋତୁଚକ୍ର ସଠିକ୍ ସମୟରେ ପରିବର୍ତ୍ତନ ନହେବା ବା ବର୍ଷା ସମୟରେ ବର୍ଷାର ଅନିୟମିତା, ଶୀତଦିନେ ଶୀତ ନହେବା ଓ ଅଦିନିଆ ଝଡ଼ ତୋଫାନ ହେବା ଆଦିକୁ ଗ୍ଲୋବାଲ୍ ୱାର୍ମିଂର ପରିଣାମକୁ ବୁଝାଇଥାଏ । ଆଜିର ଦିନରେ ଗ୍ଲୋବାଲ୍ ୱାର୍ମିଂ ସାରା ବିଶ୍ୱ ପାଇଁ ଏକ ବଡ଼ ଓ ବିପଦପୂର୍ଣ୍ଣ ଆହ୍ୱାନ ଭାବେ ଠିଆ ହୋଇଛି । ଦିନକୁ ଦିନ ଗ୍ଲୋବାଲ୍ ୱାର୍ମିଂ ତା'ର କାୟା ବିସ୍ତାର କରିବାରେ ଲାଗିଛି ଓ ଏହାର ସର୍ବାଧିକ ପ୍ରଭାବ ତାପମାତ୍ରା ବୃଦ୍ଧି ଉପରେ ପଡୁଛି । ଗ୍ଲୋବାଲ୍ ୱାର୍ମିଂ ଯୋଗୁଁ ବିଶ୍ୱରେ ଥିବା ଗ୍ଲାସିୟର୍ ବା ହିମଖଣ୍ଡ ତରଳିବାରେ ଲାଗିଛି । ଫଳରେ ସମୁଦ୍ରର ଜଳସ୍ତର ବୃଦ୍ଧି ପାଉଥିବାରୁ ଅନେକ ସମୁଦ୍ରକୂଳିଆ ଅଞ୍ଚଳ ସମୁଦ୍ର ଆଁରେ ଲୀନ ହେବାରେ ଲାଗିଛି । ବିଶ୍ୱର ସବୁଠାରୁ ସୁନ୍ଦର ସହର ଭାବରେ ଜଣାଥିବା ଭେନିସ୍ ଧୀରେ ଧୀରେ ପାଣିରେ ମିଶିବାକୁ ବସିଛି । ସମାନ ଭାବେ ଓଡ଼ିଶାର ସାତାଭାୟା ସମୁଦ୍ର ଆଁରେ ଲୀନ ହୋଇ ସାରିଥିବା ବେଳେ ଏବେ ପାରାଦୀପ ସମେତ ପୁରୀ ସ୍ୱର୍ଗଦ୍ୱାର ଅଞ୍ଚଳ ପ୍ରତି ସମୁଦ୍ର ବିପଦ ଥିବା ବହୁ ରିପୋର୍ଟରେ ତଥ୍ୟ ଆସୁଛି । ଯାହାକୁ ନେଇ ଚିନ୍ତା ବଢ଼ିଛି ।







## କୃତକର୍ମର ଫଳ

ସବୁ ଜିନଷକୁ ନିଜ ହାତପାହାନ୍ତାରେ ପାଇବା ପାଇଁ ମଣିଷ ଯେକୌଣସି ସ୍ତରକୁ ବା ଟେକ୍ନୋଲୋଜିର ବହୁଳ ବ୍ୟବହାର କରୁଛି। ଶିଳ୍ପ ନାଁରେ ଚାରିଆଡ଼େ କଳକାରଖାନା ସାଙ୍ଗକୁ କଂକ୍ରିଟ୍ ଜଙ୍ଗଲ ବଢ଼ିବାରେ ଲାଗିଛି। ଏହି କାରଣ ପାଇଁ ଗ୍ରୀନ୍ ହାଉସ୍ ଗ୍ୟାସ୍‌ର ପରିମାଣ ଦିନକୁ ଦିନ ବଢ଼ିବାରେ ଲାଗିଛି। କାରଣ ପୃଥିବୀ ପୃଷ୍ଠକୁ ସୂର୍ଯ୍ୟାଲୋକ ହିଁ ଉତ୍ତପ୍ତ କରିଥାଏ। ପୃଥିବୀକୁ ସୂର୍ଯ୍ୟ କିରଣ ପଡ଼ିବା ପରେ ଏହି ରଶ୍ମିର କିଛି ଅଂଶ ପୃଥିବୀ ଦ୍ୱାରା ଶୋଷିତ ହୁଏ। ଅବଶିଷ୍ଟ ମହାକାଶକୁ ଫେରିଯାଏ। ଏହି ପ୍ରତିଫଳିତ ରଶ୍ମିର କିଛି ଅଂଶକୁ ବାୟୁମଣ୍ଡଳ ଧରି ରଖେ। ଫଳରେ ବାୟୁ ମଣ୍ଡଳର ଉତ୍ତାପ ବଢ଼େ। ଏହାକୁ ସବୁଜ କୋଠରି ପ୍ରଭାବ ବା ଗ୍ରୀନ୍ ହାଉସ୍ ପ୍ରଭାବ କୁହାଯାଏ। ତେବେ ମନୁଷ୍ୟ ସମାଜ ବ୍ୟବହାର କରୁଥିବା ଯାନ୍ତ୍ରିକ ସାମଗ୍ରୀ ଓ କଳକାରଖାନାରୁ ନିର୍ଗତ ମିଥେନ୍, ଅଙ୍ଗାରକାମ୍ଳ, ଜଳୀୟବାଷ୍ପ, ନାଇଟ୍ରସ୍ ଅକ୍ସାଇଡ୍ ପରି ଗ୍ୟାସ୍ ସୂର୍ଯ୍ୟଙ୍କ ତାପକୁ ଜାବୁଡ଼ି ଧରୁଛନ୍ତି। ଏହାଦ୍ୱାରା ପୃଥିବୀ ଉଷ୍ମ ରହିବା ସହିତ ପ୍ରବଳ ଗରମ ଗୁଳୁଗୁଳି ଅନୁଭୂତ ହେଉଛି। ପରିଣାମ ସ୍ୱରୂପ ଗତ ୨୦୧୫ ମସିହାରେ ବିଶ୍ୱର ତାପମାତ୍ରା ଅଭିବୃଦ୍ଧି ପ୍ରାୟ ୧ ଡିଗ୍ରୀ ସେଲ୍‌ସିୟସ୍ ଅତିକ୍ରମ କରିଥିଲା। ଯାହାକି ୧୮୫୦ ମସିହା ତୁଳନାରେ ପ୍ରଥମ କରି ଏହି ଅଭିବୃଦ୍ଧି ଘଟିଥିଲା। ସମାନଭାବେ ତା' ପର ବର୍ଷ ଅର୍ଥାତ୍ ୨୦୧୬ ମସିହାରେ ମଧ୍ୟ ଏହି ଅଭିବୃଦ୍ଧି ପୁଣି ବୃଦ୍ଧି ପାଇ ୧.୧ ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଥିଲା। ତାପମାତ୍ରାରେ ଏହି ରେକର୍ଡ ସଂଖ୍ୟକ ବୃଦ୍ଧି ଯୋଗୁଁ ସେହିବର୍ଷ ଏହା ଅତ୍ୟଧିକ ଗରମ ବର୍ଷରେ ପରିଣତ ହୋଇଥିଲା।

## ୨୦୨୩ ତୁଳନାରେ ଚଳିତ ବର୍ଷ ପ୍ରଚଣ୍ଡ ରୌଦ୍ରତାପ



୨୦୨୩ ଅପେକ୍ଷା ଚଳିତ ବର୍ଷରେ ଗ୍ରୀଷ୍ମ ପ୍ରବାହ ଅଧିକ ରହିବ। ଏ ବର୍ଷ ଗ୍ରୀଷ୍ମ ଋତୁରେ ଅନେକ ସମୟରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ। ଏପ୍ରିଲ ୨୦୨୪ ପର୍ଯ୍ୟନ୍ତ ଏଲ୍‌ନିନୋ ଶକ୍ତିଶାଳୀ ରହିବାକୁ ଥିବାରୁ ପ୍ରବଳ ହିଟ୍‌ୱେଭରେ ଜନଜୀବନ ଅସ୍ତବ୍ୟସ୍ତ କରିବ। ତାପମାତ୍ରା ବୃଦ୍ଧି ଯୋଗୁଁ ଜଙ୍ଗଲ ନିଆଁ ସମସ୍ୟା ଉଗ୍ର ହେବା ସହ ବର୍ଷାର ଅନିୟମିତତା ଚାଷ କାର୍ଯ୍ୟକୁ ମଧ୍ୟ ପ୍ରଭାବ ପକାଇବା ନେଇ ଆଶଙ୍କା ରହିଛି। ବିଶ୍ୱ ତାପନ, ଜଳବାୟୁ ପରିବର୍ତ୍ତନ ଏବଂ ଏଲ୍‌ନିନୋର ପ୍ରଭାବ ଯୋ । ଗୁଁ ଏହି ସମସ୍ୟା ସୃଷ୍ଟି ହେବାକୁ ଥିବାରୁ ରାଜ୍ୟବାସୀ ଖରା ଦାଉରୁ ତ୍ରାହି ତ୍ରାହି ଡାକିବେ ବୋଲି ପାଣିପାଣି ବିଜ୍ଞାନୀମାନେ ପୂର୍ବାନୁମାନ କରିଛନ୍ତି।

୨୦୨୩ରେ ରାଜ୍ୟରେ ପ୍ରବଳ ତାତି ଅନୁଭୂତ ହୋଇଥିଲା। ଖରା ଯୋଗୁଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ତେବେ ଏ ବର୍ଷ ଏହି ସ୍ଥିତି ଆହୁରି ଉଦ୍‌ବେଗଜନକ ହେବା ନେଇ ଆଶଙ୍କା କରାଯାଇଛି। ଏନ୍‌ଓଏଏ ତଥା ଟେକ୍ସାସ୍ ଏ ଆଣ୍ଡ ଏମ୍ ବିଶ୍ୱବିଦ୍ୟାଳୟର ବରିଷ୍ଠ ପାଣିପାଗ ବିଶେଷଜ୍ଞଙ୍କ ଗବେଷଣା ଅନୁଯାୟୀ ଚଳିତ ବର୍ଷ ଅଧିକ ଉତ୍ତପ୍ତ ହେବା ପାଇଁ ୨ ଟି ପ୍ରମୁଖ କାରଣ ରହିଛି। ପ୍ରଥମତଃ ୧୯୮୦ ମସିହାଠାରୁ ଆରମ୍ଭ ହୋଇଥିବା ଉତ୍ତପ୍ତୀକରଣ ଗତ କିଛି ବର୍ଷ ହେବ ଅଧିକରୁ ଅଧିକ ଉତ୍ତପ୍ତ ହେବାରେ ଲାଗିଛି। ଦ୍ୱିତୀୟ କାରଣ ସ୍ୱରୂପ ଏଲ୍‌ନିନୋକୁ ଦାୟୀ କରାଯାଇଛି। ୨୦୨୩ ମସିହାରେ ସୃଷ୍ଟି ହୋଇଥିବା ଏଲ୍‌ନିନୋ ଚଳିତ ବର୍ଷ ମାର୍ଚ୍ଚ କିମ୍ବା ଏପ୍ରିଲ୍ ପର୍ଯ୍ୟନ୍ତ ସକ୍ରିୟ ରହିବ। ପୂର୍ବ ତଥ୍ୟ ଅନୁଯାୟୀ ଏଲ୍‌ନିନୋ ସରିବା ପରେ ଏହାର ପ୍ରଭାବ ଅଧିକ ଦେଖାଯାଇଥାଏ। ଉଦାହରଣ ଭାବେ ୨୦୧୫ ବର୍ଷର ଏଲ୍-ନିନୋର ପ୍ରଭାବ ୨୦୧୬ ମସିହାରେ ଅଧିକ ପଡ଼ିବା ସହ ସେହି ବର୍ଷ ପ୍ରବଳ ଗରମ ଅନୁଭୂତ ହୋଇଥିଲା। ତେଣୁ ଚଳିତ ବର୍ଷ ଏଲ୍‌ନିନୋ ପ୍ରଭାବ ଯୋଗୁଁ ପ୍ରବଳ ଗରମ ହେବ ବୋଲି ଆକଳନ କରାଯାଉଛି।

ପୂର୍ବରୁ ବିଶ୍ୱ ପାଣିପାଗ ସଂସ୍ଥା ଡବ୍ଲୁଏମ୍‌ଓ ମଧ୍ୟ ଏଭଳି ଆଶଙ୍କା କରି ସାରିଛି। ବିଶ୍ୱ ପାଣିପାଗ ସଂସ୍ଥାର ଆକଳନ ଅନୁଯାୟୀ ଯେଉଁ ଅଞ୍ଚଳଗୁଡ଼ିକରେ ହିଟ୍ ୱେଭ୍ ଅର୍ଥାତ୍ ଗ୍ରୀଷ୍ମ ପ୍ରବାହ ହୋଇଥାଏ, ସେଠାରେ ଏହାର ସର୍ବାଧିକ ପ୍ରଭାବ ଦେଖାଯିବ। ଯେହେତୁ ପୂର୍ବ ଭାରତ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ହୋଇଥାଏ, ତେଣୁ ଓଡ଼ିଶାରେ ମଧ୍ୟ ଆସନ୍ତା ବର୍ଷ ତାପମାତ୍ରା ଅଧିକ ସହ ପ୍ରବଳ ଗରମ ଓ ଜଙ୍ଗଲ ନିଆଁ ବ୍ୟାପିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ବିଶ୍ୱ ପାଣିପାଗ ସଂସ୍ଥା ସହିତ ଆମେରିକୀୟ ଗବେଷଣା ସଂସ୍ଥା ନାସାର ବୈଜ୍ଞାନିକମାନେ ବି ୨୦୨୪ ମସିହାର ପାଣିପାଗ ସ୍ଥିତିକୁ ନେଇ ସତର୍କ କରାଇଛନ୍ତି। ୨୦୧୬ ତୁଳନାରେ ୨୦୨୩ ମସିହା ସବୁଠାରୁ ଉତ୍ତପ୍ତ ବର୍ଷ ହୋଇଥିବା ବେଳେ ୨୦୨୪ ମସିହା ସବୁଠାରୁ ଘାତକ ହେବ ବୋଲି ନାସାର ବୈଜ୍ଞାନିକ ଆକଳନ କରିଛନ୍ତି। ଜଳବାୟୁ ପରିବର୍ତ୍ତନ ଏବଂ ଏଲ୍‌ନିନୋର ସକ୍ରିୟତା ପାଇଁ ବିଶ୍ୱରେ ଏଭଳି ସ୍ଥିତି ସୃଷ୍ଟି ହୋଇପାରେ ବୋଲି ସଂସ୍ଥା କହିଛି। ୨୦୨୩ ମସିହାରେ ଜୁନ୍ ଶେଷ ଆଡ଼କୁ ଏଲ୍‌ନିନୋ ପ୍ରଭାବ ଆରମ୍ଭ ହୋଇଥିବା ଯୋଗୁଁ ମାର୍ଚ୍ଚ, ଏପ୍ରିଲ, ମେ' ଏବଂ ଜୁନ୍ ମାସରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହୋଇଥିଲା। ଲଗାତର ୧୬ଦିନ ପର୍ଯ୍ୟନ୍ତ ହିଟ୍‌ୱେଭ୍ କଣ୍ଡିସନ୍ ଲାଗି ରହିବା ସହ ଜୁନ୍‌ଠାରୁ ଅକ୍ଟୋବର ମାସ ମଧ୍ୟରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିଥିଲା। ଏହା ବ୍ୟତୀତ ଏଲ୍‌ନିନୋ ଯୋଗୁଁ ଦେଶର ବିଭିନ୍ନ ପ୍ରାନ୍ତରେ ମୌସୁମୀ ବର୍ଷା କମ୍ ହେବା ସହ ରାଜ୍ୟରେ ଶୀତର ପ୍ରକୋପ ମଧ୍ୟ କମ୍ ରହିଥିଲା। ■





ଡକ୍ଟର ନରେନ୍ଦ୍ର ସେଠୀ

# ମାନବ ଅସ୍ତିତ୍ୱ ପାଇଁ ନାଲି ଗାର




ବିଜ୍ଞାନର ଅଗ୍ରଗତି ଯୋଗୁଁ ମଣିଷ ଜୀବନ ଶୈଳୀରେ ଯେଉଁ ଆରାମଦାୟକ ପରିବର୍ତ୍ତନ ଆସିଛି, ତା' ବଦଳରେ ପ୍ରକୃତି ଓ ପ୍ରାକୃତିକ ସମ୍ପଦକୁ ମୂଲ୍ୟ ଦେବାକୁ ପଡ଼ିଥିବା ବେଳେ ଆମ ବାସସ୍ଥାନ ପୃଥିବୀ ବର୍ଦ୍ଧିତ ତାପମାତ୍ରା ସହିତ ସଂଘର୍ଷ କରୁଛି । ମଣିଷ ନିଜ ପାଇଁ ପ୍ରକୃତିର ବିନିଯୋଗ କରି ଦ୍ରୁତ ଶିଳ୍ପାୟନ, ଜଙ୍ଗଲ ଅବକ୍ଷୟ ଓ ପରିବେଶ ପ୍ରଦୂଷଣ କରିବା ଫଳରେ ଏହାର ପ୍ରଭାବ ବାୟୁ ମଣ୍ଡଳ ଉପରେ ପଡ଼ିବାରେ ଲାଗିଛି, ଯେଉଁ ପୃଥିବୀ ୧୮୮୦ରୁ ୨୦୦୪ ମସିହା ପର୍ଯ୍ୟନ୍ତ କେବେ ଉତ୍ତପ୍ତ ନଥିଲା । ୨୦୦୫ ମସିହାରୁ ଏ ପର୍ଯ୍ୟନ୍ତ ପନ୍ଦର ଥର ସର୍ବୋଚ୍ଚ ତାପମାତ୍ରା ଥିବା ଗ୍ରୀଷ୍ମ ଋତୁ ଆଣି ଦେଇଛି ।

## ଗ୍ଲୋବାଲ୍ ୱାର୍ମିଂ କ'ଣ ?

ବାୟୁମଣ୍ଡଳ ଅନେକ ପ୍ରକାରର ଗ୍ୟାସ୍, ଯେମିତି ଅମ୍ଳଜାନ, ଅଙ୍ଗାରକାମ୍ଳ, ଯବକ୍ଷାରଯାନ ଇତ୍ୟାଦିର ଏକ ମିଶ୍ରଣ ଅଟେ । ସେଥିମଧ୍ୟରୁ ସୂର୍ଯ୍ୟ କିରଣରୁ ମିଳୁଥିବା ତାପମାତ୍ରାକୁ ବାୟୁ ମଣ୍ଡଳର କିଛି ଉପାଦାନ ଯଥା ଅଙ୍ଗାରକାମ୍ଳ, ମିଥେନ୍, ଜଳୀୟ ବାଷ୍ପ, ଓଜନ ଇତ୍ୟାଦି ଗ୍ରହଣ କରି ଧରି ରଖିବାର କ୍ଷମତା ରଖିଥାନ୍ତି । ଯାହା ଫଳରେ ଆମ ପୃଥିବୀ ଉଷୁମ ରହେ । ଏଠାରେ ଜୀବନ ଧାରଣ କରିବା ସମ୍ଭବ ହୋଇଥାଏ । ଏହିସବୁ ଉପାଦାନକୁ ଗ୍ରୀନ୍ ହାଉସ୍ ଗ୍ୟାସ୍ କୁହାଯାଏ । ମାତ୍ର ଯଦି ବାୟୁ ମଣ୍ଡଳରେ ତାପମାତ୍ରା ଧରି ରଖୁଥିବା ଉପାଦାନଗୁଡ଼ିକ ଅହେତୁକ ଭାବରେ ବଢ଼ି ଚାଲିବ, ତା'ହେଲେ ପୃଥିବୀର ତାପମାତ୍ରା ବଢ଼ିଚାଲେ, ଏହାକୁ ଗ୍ଲୋବାଲ୍ ୱାର୍ମିଂ କୁହାଯାଏ ।

## ତାପମାତ୍ରା ବୃଦ୍ଧି

ଜଳବାୟୁ ପରିବର୍ତ୍ତନ କେତେ ଗମ୍ଭୀର ଓ ଭାରତ ଉପରେ ଏହାର ପ୍ରଭାବ କେତେ ? ଏଠାରେ କହିରଖିବା ଉଚିତ ହେବ ଯେ, ବିଶ୍ୱର ସମସ୍ତ ଦେଶ ୨୦୧୫ ପ୍ୟାରିସ୍ ଜଳବାୟୁ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ । ଏହାର ଉଦ୍ଦେଶ୍ୟ ଥିଲା ଗ୍ଲୋବାଲ୍ ୱାର୍ମିଂକୁ ୨ ଡିଗ୍ରୀ ସେଲ୍‌ସିଅସ୍ ତଳେ ରଖିବା । ତେବେ ଯଦି ଏହା ଫଳବତୀ ନହୁଏ, ତା'ହେଲେ ଭାରତ ଉପରେ ଏହାର ପ୍ରଭାବ ପଡ଼ିବା ସୁନିଶ୍ଚିତ । ଆମେରିକୀୟ ମହାକାଶ ସଂସ୍ଥା 'ନାସା' ଅନୁଯାୟୀ ବିଶ୍ୱର ତାପମାତ୍ରା ୧୯୦୬ ରୁ ୨୦୦୫ ଭିତରେ ୦.୬ ରୁ ୦.୯ ସେଲ୍‌ସିୟସ ବଢ଼ିଛି । କିନ୍ତୁ ବିଗତ ପଚାଶ ବର୍ଷ ଭିତରେ ତାପମାତ୍ରରେ ବୃଦ୍ଧି ପାଇବାର ବେଗ ଦୁଇଗୁଣ ବଢ଼ିଛି । ହଠାତ୍ ଏମିତି ଜଳ ବାୟୁରେ ପରିବର୍ତ୍ତନ ହୋଇ ତାପମାତ୍ରା ବୃଦ୍ଧି ହେବାକୁ ଗ୍ଲୋବାଲ୍ ୱାର୍ମିଂ କୁହାଯାଏ । ଅର୍ଥାତ୍ ବିଶ୍ୱର ତାପମାତ୍ରା ବଢ଼ିବାରେ ଲାଗିଛି । ଏହାର ମୁଖ୍ୟ କାରଣ ହେଲା ବାୟୁ ମଣ୍ଡଳରେ ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ପ୍ରଦୂଷକର ପରିମାଣରେ ବୃଦ୍ଧି । ଏହି ପ୍ରଦୂଷିତ ଗ୍ୟାସ ସୂର୍ଯ୍ୟର ତାପମାତ୍ରାକୁ ଧରି ରଖିବା ସଙ୍ଗେ ସଙ୍ଗେ ପୃଥିବୀ ଉପରୁ ବାହାରି ଯାଉଥିବା ତାପମାତ୍ରାକୁ ମଧ୍ୟ ଶୋଷଣ କରି ନିଜ ଭିତରେ ରଖନ୍ତି । ଯାହାଫଳରେ ପୃଥିବୀ ପୃଷ୍ଠର ତାପମାତ୍ରା କ୍ରମଶଃ ବୃଦ୍ଧି ପାଇଛି । ଗ୍ଲୋବାଲ୍ ୱାର୍ମିଂ ପାଇଁ ମୁଖ୍ୟତଃ ଫସିଲ୍ ଫୁଏଲର ବ୍ୟବହାର ଓ ଜଙ୍ଗଲ ଅବକ୍ଷୟ ଦାୟୀ । ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ବର୍ଷକୁ ୧.୭ ବିଲିୟନ ଟନ୍ ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗତ ହୁଏ । ନିକଟରେ ନେଚର୍ କମ୍ୟୁନିକେସନ୍‌ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ବିଶ୍ୱର ତାପମାତ୍ରା ଚଳିତ ଶତାବ୍ଦୀର ଶେଷ ସୁଧା ୧.୫ ଡିଗ୍ରୀ ବଢ଼ି ଯାଇପାରେ । ଏହାର ମୁକାବିଲା କରିବା ପାଇଁ ବିଶ୍ୱର ଅଙ୍ଗାରକାମ୍ଳ ନିର୍ଗମନକୁ ଶତକଡ଼ା ୪୫ ଭାଗ କମେଇବାକୁ ପଡ଼ିବ । ବିଶ୍ୱର ସହରଗୁଡ଼ିକ ବିଶ୍ୱ ତାପମାତ୍ରାର କେନ୍ଦ୍ର ରହିବ । କାରଣ ଗଛ ଓ ସବୁଜ ବଳୟର ଅଭାବ ହେତୁ ଏଠାରେ ତାପମାତ୍ରାକୁ ଶୋଷଣ କରିବାକୁ କୌଣସି ଉତ୍ସ ନଥାଏ । ମିଳିତ ଜାତିସଂଘର ଅନ୍ତରାଷ୍ଟ୍ରୀୟ ଜଳବାୟୁ ପରିବର୍ତ୍ତନ ପ୍ୟାନେଲ୍ (ଆଇପିସିସି) ର ରିପୋର୍ଟରେ ଏହା ଦାବି କରାଯାଇଛି । ରିପୋର୍ଟ ଅନୁଯାୟୀ, ୬୦ଟି ଦେଶରୁ ୨୦୦ରୁ ଅଧିକ ଗବେଷକ ପାଞ୍ଚଟି ଅବସ୍ଥାକୁ ଦେଖି ସିଦ୍ଧାନ୍ତ ନେଇଛନ୍ତି ଯେ, ଆସନ୍ତା ୨୦ ବର୍ଷ ମଧରେ ବିଶ୍ୱର ତାପମାତ୍ରା ୧.୫ ଡିଗ୍ରୀ ବୃଦ୍ଧି ପାଇବ । ୨୦୧୧ ମସିହାରେ ପ୍ରକାଶିତ ଏହି ରିପୋର୍ଟ ଅନୁଯାୟୀ, ବିଶ୍ୱ ତାପମାତ୍ରା ଯୋଗୁଁ ପ୍ରବଳ ଉତ୍ତାପ, ପ୍ରବଳ ବର୍ଷା ଏବଂ ମରୁଡ଼ି ସମ୍ଭାବନା ଆହୁରି ବଢ଼ିଛି । ଏହି ରିପୋର୍ଟକୁ ବର୍ତ୍ତମାନ ପର୍ଯ୍ୟନ୍ତ ଜଳବାୟୁ ପରିବର୍ତ୍ତନ ଉପରେ ବିଶ୍ୱର ସର୍ବବୃହତ୍ ରିପୋର୍ଟ କୁହାଯାଉଛି । ୧୪ ହଜାର ବିଜ୍ଞାନ ଗବେଷଣା ସନ୍ଦର୍ଭ ଆଧାରରେ ୬୦ ଟି ଦେଶର ୨୦୦ ବୈଜ୍ଞାନିକ ଜାତିସଂଘର ଏହି ରିପୋର୍ଟକୁ ପ୍ରସ୍ତୁତ କରିଛନ୍ତି ।



# ଜାତିସଂଘରେ ଚିନ୍ତା ବ୍ୟକ୍ତ

ବିଶ୍ୱ ତାପାୟନର କୁପରିଣାମରୁ ପୃଥିବୀକୁ ରକ୍ଷା କରିବାକୁ ମିଳିତ ଜାତିସଂଘ ଚେଷ୍ଟା ଜାରି ରଖିଛି । ପ୍ରତ୍ୟେକ ବର୍ଷ ପାଣିପାଗ ପରିବର୍ତ୍ତନ ସମ୍ମିଳନୀରେ ଦେଶଗୁଡ଼ିକୁ କାର୍ବନ ନିର୍ଗମନ କାମାଇବାକୁ କୁହାଯାଉଛି । ଭାରତ ସମେତ ୧୯୫ ସଦସ୍ୟ ରାଷ୍ଟ୍ର ବିଶିଷ୍ଟ ଜାତିସଂଘ ଆନ୍ତଃ ସରକାରୀ ପ୍ୟାନେଲ୍ ଜଳବାୟୁ ପରିବର୍ତ୍ତନ ଉପରେ ଏହାର ଷଷ୍ଠ ମୂଲ୍ୟାଙ୍କନ ରିପୋର୍ଟ ୨୦୨୧ ମସିହା ଅଗଷ୍ଟ ମାସରେ ପ୍ରକାଶିତ କରିଥିଲେ । ବୈଜ୍ଞାନିକମାନଙ୍କ ଆକଳନ ଅନୁଯାୟୀ ଗ୍ଲୋବାଲ ୱାର୍ମିଂ ଯୋଗୁଁ ପୂର୍ବରୁ ଆରମ୍ଭ ହେଇସାରିଥିବା କେତେକ ପରିବର୍ତ୍ତନ – ଯେ ପରିକି ସମୁଦ୍ର ପତ୍ତନ ବୃଦ୍ଧି ଇତ୍ୟାଦିକୁ ଆଉ ଅଟକେଇ ହେବ ନାହିଁ । ତଥାପି ଅଙ୍ଗାରକାମ୍ଳ ଏବଂ ଅନ୍ୟାନ୍ୟ ଗ୍ରୀନ୍ ହାଉସ୍ ଗ୍ୟାସରେ ଦ୍ରୁତ କାଟ୍ ଜଳବାୟୁ ପରିବର୍ତ୍ତନକୁ ସୀମିତ କରିପାରେ, କିନ୍ତୁ ବିଶ୍ୱର ସବୁ ରାଷ୍ଟ୍ରଗୁଡ଼ିକୁ ଏହା କରିବାକୁ ରାଜି ହେବାକୁ ପଡ଼ିବ । କିନ୍ତୁ ସେହିବର୍ଷ ବ୍ରିଟେନ୍‌ର ଗ୍ଲାସ୍‌ଗୋରେ ହୋଇଥିବା ପରବର୍ତ୍ତୀ ସମ୍ମିଳନୀରେ ଆଶ୍ଚର୍ଯ୍ୟଜନକ ଭାବରେ ୧୪୦ ରୁ ଅଧିକ ରାଷ୍ଟ୍ର କାର୍ବନ୍ ନିର୍ଗମନ କାଟ୍ କରିବା ପାଇଁ ସହମତ ହୋଇଥିଲେ ମଧ ବିଶ୍ୱର ତାପମାତ୍ରା ବୃଦ୍ଧିରେ ବ୍ରେକ୍ ଲଗାଇବାକୁ ଆହୁରି ୨୦ ରୁ ୩୦ ବର୍ଷ ଲାଗି ପାରେ । ଜାତିସଂଘର ଏହି ରିପୋର୍ଟ ଅନୁସାରେ ଦଶ ବର୍ଷରେ ଥରେ ଏବଂ ପଚାଶ ବର୍ଷରେ ଥରେ ଅତ୍ୟଧିକ ଉତ୍ତାପ, ପ୍ରବଳ ବର୍ଷା ଏବଂ ମରୁଡ଼ି ଭଳି ଘଟଣା ଅଧିକ ବାରମ୍ବାର ଏବଂ ପୂର୍ବ ଅପେକ୍ଷ୍ୟା ଆହୁରି ତୀବ୍ର ହେବ । ଅଲଗା ଅଲଗା ସମୟରେ ଅପ୍ରତ୍ୟାଶିତ ଝଡ଼ ବାତ୍ୟା ଓ ବନ୍ୟା ଭଳି ଘଟଣା ବାରମ୍ବାର ଓ ନୂତନ ଜାଗାମାନଙ୍କରେ ହେବ । ସେତେବେଳର ଜାତିସଂଘର ସେକ୍ରେଟେରୀ ଜେନେରାଲ୍ ଆଣ୍ଟୋନିଓ ଗୁଟେରସ୍ ଏହି ରିପୋର୍ଟକୁ 'ମାନବ ଅସ୍ତିତ୍ୱ ପାଇଁ ଏକ ବିପଦ ସଂକେତ' ବା 'ନାଲି ଗାର ସଦୃଶ' ବୋଲି ଉଲ୍ଲେଖ କରି ଏହା କେତେ ଗୁରୁତର ସୂଚେଇ ସାରିଛନ୍ତି । ସୂଚନାଯୋଗ୍ୟ ଯେ, ବିଶ୍ୱ ତାପମାନ ବୃଦ୍ଧି ଯୋଗୁଁ ପ୍ରତି ପଚାଶ ବର୍ଷରେ ଥରେ ଆସୁଥିବା ପ୍ରବଳ ଉତ୍ତାପ ତରଙ୍ଗ ବର୍ତ୍ତମାନ ପ୍ରତି ୧୦ ବର୍ଷରେ ଆସୁଛି । ଏହା ସହିତ ପ୍ରତି ଦଶନ୍ଧିରେ ପ୍ରବଳ ବର୍ଷା ଓ ମରୁଡ଼ି ବୃଦ୍ଧି ପାଇବାରେ ଲାଗିଛି ।



# ଗ୍ଲୋବାଲ୍ ୱାର୍ମିଂର ପରିଣାମ

ଜଳବାୟୁ ପରିବର୍ତ୍ତନର ପ୍ରଭାବ ଆମେ ଅନୁଭବ କରିବା ଆରମ୍ଭ କରିଛୁ । ଏହାର ଏକ ଉଦାହରଣ ହେଉଛି କିଛି ବର୍ଷ ତଳେ ଜୁନ୍ ମାସରେ ଆମେରିକା ଏବଂ କାନାଡାର ଅତ୍ୟଧିକ ଉତ୍ତାପ, ଯାହା ଫଳରେ ଶହ ଶହ ଲୋକ ପ୍ରାଣ ହରାଇ ଥିଲେ । ସେହିଭଳି ବ୍ରାଜିଲରେ ବିଗତ ଶହେ ବର୍ଷ ମଧ୍ୟରେ ସବୁଠାରୁ ଭୟଙ୍କର ମରୁଡ଼ିର ସମ୍ମୁଖୀନ ହୋଇଥିଲା ଓ ଅନ୍ୟପକ୍ଷରେ ଜର୍ମାନୀ ଏବଂ ଚୀନ୍ ଭୟଙ୍କର ବନ୍ୟା ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି । ଜାତିସଂଘର ଆନ୍ତ ରାଷ୍ଟ୍ର ଜଳବାୟୁ ପରିବର୍ତ୍ତନ ପ୍ୟାନେଲ୍‌ର ସଦସ୍ୟ ବିଖ୍ୟାତ ପରିବେଶବିତ ଫ୍ରିଡ୍ରିଚ୍ ଅଟୋ କହିଛନ୍ତି ଯେ, "ଯଦି ଆମେ ପୃଥିବୀର ହାରାହାରି ତାପମାତ୍ରାକୁ ୧.୫ ଡିଗ୍ରୀରେ ସ୍ଥିର କରିଥାଉ, ତେବେ ଖରାପ ପାଣିପାଗ ପରିସ୍ଥିତିକୁ ଏଡାଯାଇପାରିବ ।" ଭୂମଣ୍ଡଳୀୟ ଉଷ୍ମତା ବୃଦ୍ଧି ଯୋଗୁଁ ଭାରତ ମହାସାଗରରେ ତାପମାତ୍ରା ବୃଦ୍ଧି ପାଇବ ଓ ହିନ୍ଦୁକୁଶ୍ ହିମାଳୟର ଗ୍ଲେସିୟର୍ ତରଳି ସମୁଦ୍ର ପତ୍ତନ ବୃଦ୍ଧି, ବନ୍ୟା ପରିସ୍ଥିତି ସୃଷ୍ଟି କରୁଥିବା ଘୂର୍ଣ୍ଣିବଳୟ ତିଆରି କରି ଭାରତ ଉପରେ ପ୍ରଭାବ ପକାଇପାରେ । ଆଇପିସିସି ରିପୋର୍ଟରେ ଦର୍ଶାଯାଇଛି ଯେ, ଏହି ପ୍ରଭାବଗୁଡ଼ିକ ମଧ୍ୟରୁ ଅଧିକାଂଶ ଏପରି ଯେ, ସେଗୁଡିକ ରୋକାଯାଇ ନାହିଁ । ଏବେ ଏସିଆର ଅନେକ ଉଚ୍ଚ ପର୍ବତ ଉପରେ ତୁଷାରପାତ ହ୍ରାସ ପାଇଛି । ଗ୍ଲେସିୟରଗୁଡ଼ିକ କ୍ରମାଗତ ପତଳା ହେବାରେ ଲାଗିଛି । ଏକବିଂଶ ଶତାବ୍ଦୀରେ ତୁଷାର ଆଚ୍ଛାଦିତ ଅଞ୍ଚଳ ଏବଂ ତୁଷାର ପରିମାଣ ଆହୁରି ହ୍ରାସ ପାଇବ । ପାର୍ବତ୍ୟ ଅଞ୍ଚଳରେ ଗ୍ରୀଷ୍ମର ପ୍ରଭାବ ଯଥେଷ୍ଟ ବୃଦ୍ଧି ପାଇ ଥିବା ବେଳେ ଥଣ୍ଡା କ୍ରମଶଃ ହ୍ରାସ ପାଇଛି । ଏହି ଧାରା ଏସିଆରେ ଆଗାମୀ ଦଶନ୍ଧି ପର୍ଯ୍ୟନ୍ତ ଜାରି ରହିବ । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ, ଗତ କିଛି ବର୍ଷ ତଳେ ଉତ୍ତରାଖଣ୍ଡରେ ଏକ ଗ୍ଲେସିୟର ଭାଙ୍ଗିବା କାରଣରୁ ଋଷିଗଙ୍ଗା ଉପତ୍ୟକାରେ ହଠାତ୍ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହି କାରଣରୁ ପ୍ରାୟ ୨୦୦ ଲୋକ ପ୍ରାଣ ହରାଇଥିଲେ । ଗ୍ଲୋବାଲ ୱାର୍ମିଂ ଯୋଗୁଁ ମେରୁ ଅଞ୍ଚଳର ବରଫ ତରଳିବାରେ ଲାଗିଛି । ଗ୍ଲେସିୟରରେ ଲକ୍ଷ ଲକ୍ଷ ବର୍ଷ ଧରି ଥିବା ବରଫ ଖଣ୍ଡ ତରଳି ସମୁଦ୍ରରେ ପଶୁଛି । ଫଳରେ ମାଳଦୀପ ପ୍ରଥମ ଦେଶ ଭାବରେ ଜଳ ମଗ୍ନ ହେବାର ସମ୍ଭାବନା ଅଛି । ଗ୍ଲୋବାଲ ୱାର୍ମିଂ ଏବେ ବିଶ୍ୱର ଅସ୍ତିତ୍ୱ ଉପରେ ପ୍ରଶ୍ନ ଚିହ୍ନ ଛିଡ଼ା କରିଛି । ଚୀନ, ଆମେରିକା ଓ ଋଷ ଭଳି ଶିଳ୍ପ ସମୃଦ୍ଧ ଦେଶ ବିଶ୍ୱର ସର୍ବାଧିକ କାର୍ବନ ନିର୍ଗମନ କରୁଥିବା ଦେଶ ଭାବରେ ଆଗରେ ଅଛନ୍ତି । ଏହି ସବୁ ଦେଶଗୁଡ଼ିକ ସ୍ୱେଚ୍ଛାକୃତ ଭାବରେ ନିଜ ନିଜର କାର୍ବନ ନିର୍ଗମନ କମ୍ କରିବାକୁ ଆଗେଇ ଆସିବା ଦରକାର । ଦିନକୁ ଦିନ କମି ଯାଉଥିବା ଜଙ୍ଗଲ ମଧ ଏକ ଚିନ୍ତାର ବିଷୟ । ସଦ୍ୟ ରିପୋର୍ଟ ଅନୁସାରେ ସମୁଦ୍ରର ଜଳ ସ୍ତର ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି ଓ ୧୯୦୧-୧୯୭୧ ମଧ୍ୟରେ ସମୁଦ୍ର ପତ୍ତନର ଜଳ ସ୍ତର ବୃଦ୍ଧି ହାର ହାରାହାରି ହାର ୧.୩ ମିଲିମିଟର ପ୍ରତି ବର୍ଷ ଥିଲା, ଯାହା ୨୦୦୬ -୨୦୧୮ ମଧ୍ୟରେ ଦ୍ୱିଗୁଣିତ ହୋଇ ୩.୭ ମିଲିମିଟର ପ୍ରତି ବର୍ଷରେ ପହଞ୍ଚିଥିଲା । ଅର୍ଥାତ୍ ୧୯୦୧ ରୁ ୨୦୧୮ ମଧ୍ୟରେ ବିଶ୍ୱର ହାରାହାରି ସମୁଦ୍ର ପତ୍ତନ ୦.୨୦ ମିଟରକୁ ବୃଦ୍ଧି ପାଇଛି । ଫଳରେ ମାଳଦୀପ, ମରିସସ୍, ଭାରତ, ଶ୍ରୀଲଙ୍କା ପ୍ରଭୃତି ଦେଶର ଉପକୂଳ ଅଞ୍ଚଳ ଜଳମଗ୍ନ ହେବାର ଭୟ ସୃଷ୍ଟି ହେଇଛି । ସେଥିପାଇଁ ବିକାଶଶୀଳ ଦେଶମାନେ ନିଜ ନିଜର କାର୍ବନ ଫୁଟ୍ ପ୍ରିଣ୍ଟ କମେଇବାକୁ ପଡ଼ିବ । ୨୦୫୦ ମସିହା ସୁଦ୍ଧା ତିରିଶ କୋଟି ଲୋକ ସମୁଦ୍ର ଜଳରେ ଭାସିଯିବାର ଆଶଙ୍କା ପ୍ରକାଶ କରିଥିଲେ ଗତବର୍ଷ ଏସିଆନ୍ ସମ୍ମିଳନୀରେ ଯୋଗ ଦେବାକୁ ଆସିଥିବା ଜାତିସଂଘର ମହାସଚିବ ଆଣ୍ଟୋନିୟୋ ଗୁଟେରସ୍ । ଚୀନ, ଭାରତ, ଶ୍ରୀଲଙ୍କା ଓ ବାଂଲାଦେଶ ଭଳି ଦେଶ ସମୁଦ୍ର ପତ୍ତନ ବଢ଼ିବାରୁ ଅଧିକ ବିପଦର ସମ୍ମୁଖୀନ ହେବାର ଭୟ ରହିଛି । ମାଳଦୀପ, ଫିଜି, ସୋଲୋମନ୍ ଆଇଲ୍ୟାଣ୍ଡ, ସିଚେଲ, ମାର୍ଶଲ ଆଇଲ୍ୟାଣ୍ଡ, ନାଇଜର୍, ନେଦରଲ୍ୟାଣ୍ଡ, ଥାଇଲ୍ୟାଣ୍ଡ ପ୍ରଭୃତି ଦେଶ ସବୁଦିନ ପାଇଁ ସମୁଦ୍ର ଗର୍ଭରେ ଲୀନ ହୋଇଯିବାର ଭୟ ରହିଛି । ସୂଚନାଯୋଗ୍ୟ ଯେ, ୨୦୦୦ ମସିହା ପର୍ଯ୍ୟନ୍ତ ଭୁବନେଶ୍ୱରରେ ଜଳବାୟୁ ଭଲ ଥିଲା । ଅଂଶୁଘାତ କ'ଣ ଲୋକ ଜାଣି ନଥିଲେ । କିନ୍ତୁ ଦିନେ ଖରାରେ ବୁଲିଲେ ଲୋକ ମରିବେ, ଏକଥା କେହି କଳ୍ପନା କରିନଥିଲେ । ଗ୍ରୀଷ୍ମ ଋତୁରେ ଭୁବନେଶ୍ୱରର ତାପମାତ୍ରା ବଢ଼ି ୪୫ ଡିଗ୍ରୀରେ ପହଞ୍ଚୁଛି । ଲାଗୁଚି ଯେମିତି ନିଆଁ ବର୍ଷା ହେଉଛି । ଦୀପାବଳି ପରେ ପରେ ଦିଲ୍ଲୀରେ ନିଃଶ୍ୱାସ ନେବା ଦୁର୍ବିସହ ହୋଇପଡ଼ିଛି । ଅଙ୍ଗାରକାମ୍ଳ ଗ୍ୟାସକୁ ଖାଦ୍ୟ ରୂପେ ବ୍ୟବହାର କରି ଅମ୍ଳଜାନ ଦେଉଥିବା ଏକମାତ୍ର ଗଛ ଉପରେ ସବୁ ନିର୍ଭର କରେ । ଆମକୁ ଅଧିକରୁ ଅଧିକ ବୃକ୍ଷ ରୋପଣ କରିବାକୁ ହେବ । ବ୍ୟାଟେରି ଚାଳିତ କାର ଓ ମୋଟର ସାଇକେଲର ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦେବାକୁ ହେବ । ନହେଲେ ଭବିଷ୍ୟତ ପିଢ଼ି ଚରମ ବିପଦର ସମ୍ମୁଖୀନ ହେବେ, ଏଥିରେ ସନ୍ଦେହ ନାହିଁ । ■

ଯାଦୁଗୁଡ଼ା, ପୂର୍ବ ସିଂଭୂମି, ଝାରଖଣ୍ଡ -୮୩୨୧୦୨
ମୋ: ୭୦୦୪୦୬୮୧୧୦



# ଋତୁ ପରିବର୍ତ୍ତନର କୁପରିଣାମ





ଉମାଶଙ୍କର ଦାସ

କିଏ ଅନୁଭବ କରୁଛି ଜଳବାୟୁ ପରିବର୍ତ୍ତନର କରାଳ ପ୍ରଭାବ? ବିକଶିତ ନା ବିକାଶଶୀଳ ଦେଶ ? ସମ୍ଭ୍ରାନ୍ତ ନା ଆହାର ଯୋଗାଡ଼କାରୀ କୃଷକ ନା ପୃଥିବୀକୁ ନୂତନ ଭିତ୍ତି-ପ୍ରସ୍ତରର ଢାଞ୍ଚା ଦେଉଥିବା ଖଟିଖିଆ ଶ୍ରମିକ ? କରାଳ ଆତତାୟୀ ଭାବେ ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଣୁଛି ଅତ୍ୟଧିକ ଉଚ୍ଚ ପ୍ରଭାବୀ ପାଣିପାଗ ଘଟଣା । ଜଳବାୟୁ ପ୍ରଭାବର ଜଳବାୟୁ ପରିବର୍ତ୍ତନର ନକାରାତ୍ମକ ପ୍ରଭାବକୁ ବିଶ୍ୱ ବହୁ ପୂର୍ବରୁ ଅନୁଭବ କରିବା ଆରମ୍ଭ କରିସାରିଛି ।



ଗରମ ଗ୍ରୀଷ୍ମରୁ ଆରମ୍ଭ କରି ବୃଷ୍ଟିପାତ ଢାଞ୍ଚାରେ ପରିବର୍ତ୍ତନ ତଥା ମରୁଡ଼ି, ବନ୍ୟା, ବାତ୍ୟା, ଗରମ ପ୍ରବାହ ଏବଂ ଶୀତ ଲହରୀ ପରି ଚରମ ପାଣିପାଗ ବାରମ୍ବାରର ବୃଦ୍ଧି ହାର ଏବଂ ପ୍ରାକୃତିକ ବିପଦର ଗମ୍ଭୀରତା ପର୍ଯ୍ୟନ୍ତ । ଏହି ପରିବର୍ତ୍ତନର ଏକ ସିଧାସଳଖ ପ୍ରଭାବ ଋତୁଗୁଡ଼ିକରେ ଢାଞ୍ଚାରେ ପରିବର୍ତ୍ତନ । ସୂର୍ଯ୍ୟ ଚାରିପଟେ ପୃଥିବୀର ପରିକ୍ରମଣ ହେତୁ ସୂର୍ଯ୍ୟଙ୍କଠାରୁ ଆସୁଥିବା ଶକ୍ତିର ପ୍ରଭାବରେ ଗୋଟେ ନିର୍ଦ୍ଦିଷ୍ଟ ଅବଧି ଯାଏଁ ପାଣିପାଗର ଏକ ହାରାହାରି ସ୍ଥିତି ସୃଷ୍ଟି କରେ, ଯାହାକୁ ଋତୁ କୁହାଯାଇଥାଏ । ଋତୁ ପରିବର୍ତ୍ତନ ହେଉଛି ଏକ ପ୍ରାକୃତିକ ପ୍ରକ୍ରିୟା । କିନ୍ତୁ ୧୮୦୦ ଦଶକରୁ ମାନବ ସମାଜର କାର୍ଯ୍ୟକଳାପ ଏହି ପରିବର୍ତ୍ତନର ହାରକୁ ତ୍ୱରାନ୍ୱିତ କରି ଆସୁଅଛି । ଏହା ମୁଖ୍ୟତଃ ଜୀବାଶ୍ମ ଇନ୍ଧନ (କୋଇଲା, ତୈଳ ଜାତୀୟ ଇନ୍ଧନ ଏବଂ ପ୍ରାକୃତିକ ଗ୍ୟାସ୍ ) ଜଳିବା କାରଣରୁ ଉତ୍ତାପ-ଅଧିକ ସମୟ ଧରି ରଖୁଥିବା ଗ୍ୟାସ୍ ଉତ୍ପନ୍ନ କରିଥାଏ । ଯାହାଫଳରେ ବାୟୁମଣ୍ଡଳର ହାରାହାରି ତାପମାତ୍ରା ବୃଦ୍ଧିରେ ସାହାଯ୍ୟ କରିଥାଏ । ବର୍ତ୍ତମାନ ସମୟରେ ଋତୁଗୁଡ଼ିକ ଢାଞ୍ଚାରେ ପରିବର୍ତ୍ତନ ସହ ୬ଟି ଋତୁ ମଧ୍ୟରୁ କେବଳ ୩ଟି ଋତୁ , ଗ୍ରୀଷ୍ମ, ବର୍ଷା ଏବଂ ଶୀତ ଅନୁଭୂତ ହେଉଛି । ତା'ସହିତ ତାପମାତ୍ରା ବୃଦ୍ଧି ହେତୁ ଏହି ଋତୁଗୁଡ଼ିକରେ ଅନେକ ସମୟରେ ଅସ୍ୱାଭାବିକ ପାଣିପାଗ ପରିଲକ୍ଷିତ ହେଉଛି । ଯେପରି ମାଘରୁ ଶୀତ ଗାଏବ ସହ ଗ୍ରୀଷ୍ମର ଅନୁଭୂତି ହେବା, ବସନ୍ତର ମୃଦୁ ମଳୟ ପରିବର୍ତ୍ତେ ବିଜୁଳି ଘଡ଼ଘଡି ସହ ବର୍ଷା ପରି ଅସ୍ୱାଭାବିକ ପାଣିପାଗ ସୃଷ୍ଟି ହେଉଛି ।

ମିଳିତ ଜାତିସଂଘର ଏକ ନୂତନ ରିପୋର୍ଟ ଅନୁଯାୟୀ, ଗତ ୨୦ ବର୍ଷ ମଧ୍ୟରେ ଚରମ ପାଣିପାଗ ଘଟଣାଗୁଡ଼ିକରେ ଏକ 'ଆଶ୍ଚର୍ଯ୍ୟଜନକ ବୃଦ୍ଧି' ଘଟିଛି । ୨୦୦୦ ରୁ ୨୦୧୯ ପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ ୭,୩୪୮ ପ୍ରମୁଖ ପ୍ରାକୃତିକ ବିପର୍ଯ୍ୟୟ ଘଟି ୧.୨୩ ନିୟୁତ ଲୋକଙ୍କର ମୃତ୍ୟୁ ଘଟିଥିଲା ଏବଂ ବିଶ୍ୱ ଆର୍ଥିକ କ୍ଷତି ୨.୯୭ ଟ୍ରିଲିୟନ ଆମେରିକୀୟ ଡଲାର ବା ୨୨,୧୦,୪୯,୬୭,୫୦,୦୦,୦୦୦ ଭାରତୀୟ ଟଙ୍କାରେ ପହଞ୍ଚି ଥିଲା ।

ଜଳବାୟୁ ପରିବର୍ତ୍ତନ ଉପରେ ଲୋକଙ୍କୁ ସଚେତନ କରିବା ସହିତ ଯଦି ଠିକ୍ ସମୟରେ ବିଶ୍ୱର ବିକଶିତ ତଥା ବିକାଶଶୀଳ ଦେଶଗୁଡ଼ିକ ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କରନ୍ତି, ଆଗାମୀ ଦିନରେ ସମଗ୍ର ମାନବ ସମାଜ ଖାଦ୍ୟ, ସ୍ୱାସ୍ଥ୍ୟ, କୃଷି ପ୍ରଭୃତି ସମସ୍ୟାର ସମ୍ମୁଖୀନ ହେବେ ।

ସାରା ବିଶ୍ୱ ଏକତ୍ରିତ ହେବା ସହ ଶିଳ୍ପ, ପରିବହନ, ଖାଦ୍ୟ, କୃଷି ଏବଂ ଜଙ୍ଗଲରେ ଆବଶ୍ୟକୀୟ ଶକ୍ତି ଅପଚୟ ପରିବର୍ତ୍ତନ କରିବା ସହ ବିଶ୍ୱ ତାପମାତ୍ରା ବୃଦ୍ଧିକୁ ୨ ଡିଗ୍ରୀରୁ ୧.୫ ଡିଗ୍ରୀ ମଧ୍ୟରେ ସୀମିତ କରିବା ଅତ୍ୟନ୍ତ ଜରୁରି । ଉଚ୍ଚ ପ୍ରଭାବୀ ପାଣିପାଗ ଘଟଣାଗୁଡ଼ିକର ତୀବ୍ରତା ବୃଦ୍ଧି ସମସ୍ତଙ୍କୁ ପ୍ରଭାବିତ କରୁଛି । ସାମୁଦ୍ରିକ ଝଡ଼, ବନ୍ୟା, ମରୁଡି, ଅତିବୃଷ୍ଟି, ଅନାବୃଷ୍ଟି, ଗ୍ରୀଷ୍ମ ପ୍ରବାହ ତଥା ଶୀତ-ଲହରୀ ପରି ଘଟଣାଗୁଡ଼ିକର ତୀବ୍ରତା ବୃଦ୍ଧି ତଥା ସମୁଦ୍ର ପୃଷ୍ଠର ଜଳସ୍ତର ବୃଦ୍ଧି ପରି ଘଟଣାଗୁଡ଼ିକ ଓଡ଼ିଶାର ସାମାନ୍ୟ କୃଷକଠାରୁ ଆରମ୍ଭ କରି ଲଣ୍ଡନର ବଡ଼ ବ୍ୟବସାୟୀ ଜଳବାୟୁ ପରିବର୍ତ୍ତନ ସମସ୍ତଙ୍କୁ ପ୍ରଭାବିତ କରୁଛି । ଆଜିର ସମୟରେ ସାରା ବିଶ୍ୱ ୪,୪୪,୪୩,୨୦,୦୦,୦୦୦ (୬୦ ବିଲିୟନ ଆମେରିକୀୟ ଡଲାର) ଭାରତୀୟ ଟଙ୍କା ସ୍ଥାୟୀ ସମାଧାନ ଦିଗରେ ଖର୍ଚ୍ଚ କରିପାରିଲେ, ଆଗାମୀ ଦିନରେ ୨,୬୬,୬୫,୯୨,୦୦,୦୦,୦୦୦ (୩୬୦ ବିଲିୟନ ଆମେରିକୀୟ ଡଲାର) ଆର୍ଥିକ କ୍ଷତିରୁ ରକ୍ଷା ପାଇପାରିବ ।

ଟ୍ରପୋସଫେରିକ୍ ଓଜୋନ୍ ଗହମ, ଚାଉଳ, ମକା ଏବଂ ସୋୟାବିନ୍ ପରି ପ୍ରଧାନ ଖାଦ୍ୟ ଶସ୍ୟ ଫସଲର ବାର୍ଷିକ ପ୍ରାୟ ୧୧୦ ନିୟୁତ ଟନ୍ କ୍ଷତି ଘଟାଉଛି । ଏହା ସମୁଦାୟ ବାର୍ଷିକ ବିଶ୍ୱ ଫସଲ ଉତ୍ପାଦନର ପ୍ରାୟ ୪% ଏବଂ କେତେକ ଅଞ୍ଚଳରେ ୧୫% ଯାଏଁ ଉତ୍ପାଦନ କମ କରୁଛି । ଟ୍ରପୋସଫେରିକ୍ ଓଜୋନ୍ ଗଠନର ଏକ ଉପାଦାନ ମିଥେନକୁ ହ୍ରାସ କରିପାରିଲେ ୨୦୫୦ ସୁଦ୍ଧା ଏହି କ୍ଷତି ହ୍ରାସ ହୋଇପାରେ ଏବଂ ବାର୍ଷିକ ୪ ରୁ ୩୩ ବିଲିୟନ ଡଲାର ମଧ୍ୟରେ ସଞ୍ଚୟ ହୋଇପାରେ ।

ଉଚ୍ଚ ପ୍ରଭାବୀ ପାଣିପାଗ ଘଟଣାଗୁଡ଼ିକର ବର୍ଦ୍ଧିତ ପୁନଃପୌନିକତାରେ ଦଳିଚକଟି ହୋଇ ସମଗ୍ର ଜୀବଜଗତ ଅସୁରକ୍ଷିତ ଚାଦର ମଧ୍ୟରେ ଜୀବନ-ଜୀବିକା, ଆର୍ଥିକ, ମାନସିକ ଚାପରେ ପ୍ରତିକୂଳତାର ଝଡ଼ ସହ ପ୍ରତିମୁହୂର୍ତ୍ତରେ ସଂଘର୍ଷଜନିତ ମୃତ୍ୟୁର ମୁକାବିଲା ସମଗ୍ର ମାନବ ସଭ୍ୟତା ପାଇଁ ଚିନ୍ତାର କାରଣ ହୋଇଥିବା ବେଳେ, ଏହାର ମୁକାବିଲା ଅନୁସନ୍ଧାନର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ପୃଥିବୀ ବିଜ୍ଞାନ ମନ୍ତ୍ରାଳୟର ବରିଷ୍ଠ ବୈଜ୍ଞାନିକ ତଥା ପାଣିପାଗବିଦ କମଳଜିତଙ୍କ ୨୦୨୧ ମସିହାରେ ପ୍ରକାଶିତ ଗବେଷଣା ଅନୁଯାୟୀ ଭାରତରେ ବିଗତ ୫୦ ବର୍ଷ, ୧୯୭୦-୨୦୧୯ ମଧ୍ୟରେ ସମୁଦାୟ ୭,୦୬୩ଟି ଉଚ୍ଚ ପ୍ରଭାବୀ ପାଣିପାଗ ଘଟଣା ଘଟିଛି ଏବଂ ପ୍ରତ୍ୟେକ ଘଟଣା ଅତି କମ୍‌ରେ ଗୋଟିଏ ମୃତ୍ୟୁହାର ସହିତ ଜଡ଼ିତ ରହିଛି । ଏହି ୭,୦୬୩ ଘଟଣାରେ ମୂଲ୍ୟବାନ ୧୪୧,୩୦୮ ଜୀବନହାନି ଘଟିଛି, ଯାହାର ଅର୍ଥ ପ୍ରତିଟି ଘଟଣା ହାରାହାରି ଭାବେ ୨୦ଟି ଜୀବନର ମୃତ୍ୟୁ ତାଣ୍ଡବ ରଚିଛି । ଏବେ ବି ସମୟ ଅଛି, ପ୍ରକୃତିକୁ ରକ୍ଷା କରି ଆଗାମୀ ବିପଦର ମୁକାବିଲା ପାଇଁ ପ୍ରସ୍ତୁତ ହେବା । ନହେଲେ ଏହି ପରିବର୍ତ୍ତନର ଚକ୍ରବ୍ୟୂହରେ ଛନ୍ଦି ହୋଇ ଋତୁ ହଜିବା ପରି ସମଗ୍ର ମାନବ ସଭ୍ୟତା ନିଜର ଅସ୍ତିତ୍ୱ ହରାଇବ ।

ବୈଜ୍ଞାନିକ, ଭାରତୀୟ ପାଣିପାଗ ବିଭାଗ



■ ଜଳବାୟୁ ପରିବର୍ତ୍ତନର ପ୍ରଭାବ

# ମାନସିକ ଓ ଶାରୀରିକ ସମସ୍ୟା



ଡା. ସମ୍ରାଟ କର

ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ସାରା ବିଶ୍ୱ ଆଗରେ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଗତ କିଛି ଦଶନ୍ଧିରେ ବିନା ମୌସୁମୀରେ ଅତ୍ୟଧିକ ବର୍ଷା, ଅଧିକ ଗରମ, ଶୀତ ହେବା ଉଭୟ ପରିବେଶ ଏବଂ ମନୁଷ୍ୟ ସ୍ୱାସ୍ଥ୍ୟକୁ ଅଧିକ ପ୍ରଭାବିତ କରୁଛି। ଅଚାନକ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଆଜ୍‌ମା, ଚର୍ମ ଆଲର୍ଜି, ଫୁସ୍‌ଫୁସ୍ ଜନିତ ରୋଗ ବୃଦ୍ଧି ପାଉଛି। ଯଦିଓ ଜଳବାୟୁ ପରିବର୍ତ୍ତନ ବିଭିନ୍ନ ରୋଗର କାରଣ ସାଜିଥାଏ, ଏହା କିନ୍ତୁ ମାନସିକ ସ୍ତରରେ ଗମ୍ଭୀର ରୋଗ ସୃଷ୍ଟି କରୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବା ଡବ୍ଲ୍ୟୁଏଚ୍‌ଓ ଅନୁସାରେ ୨୦୩୦ ଓ ୨୦୫୦ ମଧ୍ୟରେ ଜଳବାୟୁ ପରିବର୍ତ୍ତନ କାରଣରୁ କୁପୋଷଣ, ମ୍ୟାଲେରିଆ, ଡାଇରିଆ, ଲୁ' ଆଦି ଯୋଗୁ ବର୍ଷକୁ ଅଢ଼େଇ ଲକ୍ଷ ଲୋକଙ୍କ ଅକାଳ ବିୟୋଗ ଘଟିବ। ବିଶେଷକରି ଯୁବପିଢ଼ି ଓ ବରିଷ୍ଠ ନାଗରିକ ଏଭଳି ଏକ ଦୁଷ୍ପରିଣାମକୁ ସାମ୍ନା କରିବେ। ତେବେ ଜଳବାୟୁ ପରିବର୍ତ୍ତନ କିପରି ମାନସିକ ଚାପ ବୃଦ୍ଧି କରୁଛି ଜାଣି ରଖନ୍ତୁ।

## ବଢୁଛି ମାନସିକ ଚାପ



ପରିବାର, ପରିବେଶ, ପରିସ୍ଥିତି ଅଚାନକ ଓ ଅପ୍ରତ୍ୟାଶିତ ପରିବର୍ତ୍ତନ ହେଲେ ମନୁଷ୍ୟ ତା'ର ମାନସିକ ଭାରସାମ୍ୟ ରକ୍ଷା କରି ପରିସ୍ଥିତି ସହ ନିଜକୁ ଖାପ ଖୁଆଇପାରେ ନାହିଁ। ଫଳରେ ମାନସିକ ଭାରସାମ୍ୟ ହରାଇଥାଏ। ମାନସିକ ରୋଗ ଏକ ଜଟିଳ ରୋଗ। ଏହି ରୋଗକୁ ଆରମ୍ଭରୁ କେହି ଜାଣିପାରନ୍ତି ନାହିଁ। ନାନା କାରଣରୁ ମାନସିକ ରୋଗ ହୋଇଥାଏ। ମସ୍ତିଷ୍କରେ କେତେକ ସ୍ନାୟବିକ ଜୈବରସ କ୍ଷରଣର ବୈଷମ୍ୟ ଯୋଗୁଁ ଏପରି ହେଉଥିବାବେଳେ ବର୍ତ୍ତମାନ ପୃଥିବୀ ପୃଷ୍ଠରେ ଅଧିକ ତାପମାତ୍ରା ବୃଦ୍ଧି ଯୋଗୁଁ ମଧ୍ୟ ମସ୍ତିଷ୍କ ପ୍ରଭାବିତ ହେଉଛି। ଏହା ଦ୍ୱାରା ଲୋକେ ନାନା ଚିନ୍ତା, ଅବସାଦ ଅନୁଭବ କରନ୍ତି। ଜଳବାୟୁ ପରିବର୍ତ୍ତନ ସାଙ୍ଗକୁ ବନ୍ୟା, ଝଡ଼ ତୋଫାନ ତଥା ପ୍ରାକୃତିକ ବିପର୍ଯ୍ୟୟ ଲୋକଙ୍କୁ ଘରୁ ବିସ୍ଥାପିତ ହେବାକୁ ବାଧ୍ୟ କରୁଛି। ବିସ୍ଥାପିତ ଅବସ୍ଥାରେ ଲୋକେ ରହିବା ଓ ରୋଜଗାର ପାଇଁ ବାଟ ଖୋଜୁ ଖୋଜୁ ଅଧିକ ଚାପଗ୍ରସ୍ତ ହେଉଛନ୍ତି। ଏହାଦ୍ୱାରା ସମାଜରେ ଆତ୍ମହତ୍ୟା ମାମଲା ବୃଦ୍ଧି ପାଇବାର ଆଶଙ୍କା ଅଧିକ ରହିଥାଏ। ଜଳବାୟୁ ପରିବର୍ତ୍ତନ ଏବଂ ବର୍ଦ୍ଧିତ ତାପମାତ୍ରା ଜଣେ ବ୍ୟକ୍ତିର ମସ୍ତିଷ୍କ ଉପରେ ପ୍ରଭାବ ପକାଇଥାଏ। ତେଣୁ ଜଣେ ବ୍ୟକ୍ତିର କଥାବାର୍ତ୍ତା ତଥା ବ୍ୟବହାରରେ ପରିବର୍ତ୍ତନ, ମନ ଖରାପ ଲାଗିବା, କାରଣ ନ ଥାଇ ରାଗିବା, ଆତ୍ମହତ୍ୟ କରିବାର ଇଚ୍ଛା ବା ଉଦ୍ୟମ କରିବା, ହଠାତ୍ ଅଣନିଃଶ୍ୱାସୀ ଲାଗିବା, ମରିଯିବା ଭୟ, ଛାତି ଧଡ଼ ଧଡ଼ ହେବା, ମୁଣ୍ଡ ବିନ୍ଧିବା, ବାନ୍ତି ହେବା, ସ୍ମରଣଶକ୍ତି କମିଯିବା, ମନେ ମନେ କଥା ହେବା, ଅନ୍ୟକୁ ସନ୍ଦେହ କରିବା, ସ୍ଥାଣୁ ଭଳି ରହିବା ଆଦି ଅନେକ ଲକ୍ଷଣ ଦେଖାଯାଏ।

ଜଳବାୟୁ ପରିବର୍ତ୍ତନ ସାଙ୍ଗକୁ ଅନେକ ପ୍ରଜାତି ଜୀବଜନ୍ତୁ ବିଲୁପ୍ତ ଅବସ୍ଥାରେ। ଏହାଦ୍ୱାରା ମଣିଷଙ୍କଠାରେ ଚିନ୍ତା, ଅବସାଦ, ନିରାଶ, ଏକାକୀ ଭାବନା ସୃଷ୍ଟି ହେଉଛି। ଏହା ମଧ୍ୟ ମାନସିକ ସମସ୍ୟା ବୃଦ୍ଧିର ଅନ୍ୟ ଏକ କାରଣ। ତେଣୁ ଅଧିକ ସମୟ ଯାଏଁ ଗରମରେ ରହିବା ଯୋଗୁଁ ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଏହାଦ୍ୱାରା ଚିଡ଼ଚିଡ଼ାପଣ, ଅନିଦ୍ରା ଥକ୍କାପଣ ଆଦି ଲକ୍ଷଣ ଦେଖାଦିଏ। ଖାଦ୍ୟ ଏବଂ ଜଳ ସୁରକ୍ଷା ଉପରେ ମଧ୍ୟ ହାନିକାରକ ପ୍ରଭାବ ପଡୁଥିବାରୁ କୁପୋଷଣ ଓ ଅନ୍ୟାନ୍ୟ ରୋଗ ସୃଷ୍ଟି ହୋଇ ଶାରୀରିକ ଓ ମାନସିକ ପ୍ରଭାବ ପକାଇଥାଏ। ଏଥିରେ ଦୁର୍ବଳ ବ୍ୟକ୍ତି, ବୟସ୍କ ଓ ପିଲା ଅଧିକ ପ୍ରଭାବିତ ହୁଅନ୍ତି।

ଅନ୍ୟପଟେ ଅଧିକ ଶୀତ ପଡ଼ିଲେ ବା ଶୀତ ଦିନ ଆସିଲେ, ଅଧିକାଂଶ ଲୋକଙ୍କୁ ହାଲିଆ ଲାଗେ। ମନଦୁଃଖ ଲାଗିବା, କାମ କରିଲେ ଦୁର୍ବଳ ଅନୁଭବ ହେବା, ଜୀବନ ନଷ୍ଟ ହେବା ପରି ଅନୁଭବ ହେବା, ଅଧିକ ନିଦ, ଚଟ୍‌ପଟା ଖାଇବାକୁ ଇଚ୍ଛା ହେବା ଆଦି ଲକ୍ଷଣ ଦେଖିବାକୁ ମିଳିଥାଏ। ଋତୁ ଅନୁସାରେ ଏହା ପରିବର୍ତ୍ତନ ହେଉଥିବାରୁ ଏହାକୁ ସିଜିନାଲ୍ ଆଫେକ୍ଟିଭ ଡିଜଅର୍ଡର୍ କୁହାଯାଏ। ଏଥିପାଇଁ ଶୀତଦିନେ ସକାଳ ଓ ସନ୍ଧ୍ୟାରେ ଖରାରେ ୧୫ରୁ ୨୦ ମିନିଟ୍ ଛିଡ଼ା ହୋଇ ଭିଟାମିନ୍ 'ଡି' ଦ୍ୱାରା ସ୍ନାୟୁ ସମସ୍ୟା ଦୂର ହୋଇଥାଏ। ଅବସାଦ ରହିନଥାଏ। ମସ୍ତିଷ୍କ ସୁସ୍ଥ ରହିଥାଏ। ଯଦି ଏହା ପରେ ମଧ୍ୟ ଅଧିକ ଥଣ୍ଡା ଲାଗେ ତେବେ ଡାକ୍ତରଙ୍କ ପରାମର୍ଶ ନେବା ନିହାତି ଆବଶ୍ୟକ।

## ରୋଗ ଆଶଙ୍କା



ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଇଲେ ବାୟୁ ପ୍ରଦୂଷଣ ବଢ଼ିବା ସହ ଶ୍ୱାସକ୍ରିୟାରେ ସମସ୍ୟା ଉପୁଜିଥାଏ। ଫୁସ୍‌ଫୁସ୍ ସମ୍ବନ୍ଧୀୟ ସମସ୍ୟା, ହୃଦ୍‌ଘାତ, ଜଳ ଶୁଷ୍କତା ଓ ଚିଡ଼ିଚିଡ଼ାପଣ, ଶ୍ୱାସଜନିତ ସମସ୍ୟା କାଶ, ଛାତିରେ ଦମା ପେଲିବା, କ୍ରୋନିକ ଅବସଟ୍ରାକଟିଭ୍ ପଲମୋନାରୀ ଡିଜିଜ ଏବଂ ଗଳା ପୋଡ଼ାଜଳା, ଫୁସ୍‌ଫୁସ୍ ସମସ୍ୟା, କର୍କଟ, ଛାତି ଯନ୍ତ୍ରଣା, କ୍ରୋନିକ୍ ଆଜ୍‌ମା, ହୃଦ୍‌ଘାତ ଆଦି ଆଶଙ୍କା ବୃଦ୍ଧି ପାଏ।

ବାୟୁ ମଣ୍ଡଳରେ ଉତ୍ତାପ ବୃଦ୍ଧି ଯୋଗୁ ଲୋକେ ନୂଆ ନୂଆ ରୋଗରେ ଆକ୍ରାନ୍ତ ହେଉଛନ୍ତି; ଯାହାର ନିରାକରଣ ପାଇଁ ଏ ପର୍ଯ୍ୟନ୍ତ କୌଣସି ଔଷଧ ତିଆରି ହୋଇନାହିଁ। ମୁଖ୍ୟତଃ ଶୀତଦିନେ ଅତ୍ୟଧିକ ଗରମ ହେଉଥିବାରୁ ମଶାସଂଖ୍ୟା ବୃଦ୍ଧି ପାଉଛି। ଲୋକେ ମ୍ୟାଲେରିଆ, ଡେଙ୍ଗୁ, ଜିକା ଭାଇରସ୍ ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି। କ୍ୟାନ୍‌ସର ଭଳି ମାରାତ୍ମକ ରୋଗ ପାଇଁ ଜଳବାୟୁ ପରିବର୍ତ୍ତନ ଅନ୍ୟତମ କାରଣ। ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏନ୍‌ଭାର୍‌ମେଣ୍ଟାଲ୍ ହେଲ୍‌ଥ ସାଇନ୍ସରେ ଏ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି। ଅତ୍ୟଧିକ ଗରମ କାରଣରୁ ରସାୟନ କଣିକା ପବନରେ ରହିଥାଏ ଯଦ୍ଦ୍ୱାରା ଶ୍ୱାସକ୍ରିୟା ସମୟରେ ଏହା ଶରୀରକୁ ଯାଇ ଫୁସ୍‌ଫୁସ୍‌କୁ ପ୍ରଭାବିତ କରିଥାଏ। ଅତ୍ୟଧିକ ପ୍ରଦୂଷଣ ଯୋଗୁ ଓଜୋନ ସ୍ତରରେ ଛିଦ୍ର ସୃଷ୍ଟି ହୁଏ। ଫଳରେ ଅତିବାଇଗଣୀ ରଶ୍ମି ଚର୍ମକୁ କର୍କଟର କାରଣ ହୋଇଥାଏ।



## ପିଲାଙ୍କ ଉପରେ ପ୍ରଭାବ

ପିଲାମାନେ ମଧ୍ୟ ଜଳବାୟୁ ପରିବର୍ତ୍ତନର ଶିକାର ହେଉଛନ୍ତି। ମନୋବିଜ୍ଞାନୀଙ୍କ ମତାନୁସାରେ, ଛୋଟ ପିଲାଙ୍କଠାରେ ଚିନ୍ତା, ଅବସାଦ, ଦୁଃଖ ଆଦି ସମସ୍ୟା ଦେଖିବାକୁ ମିଳୁଛି। ପିଲାଙ୍କଠାରେ ଏଭଳି ସମସ୍ୟାକୁ ମନୋବିଜ୍ଞାନୀ 'ଇକୋ ଆନ୍‌ଜାଇଟିଂ' ବୋଲି କହିଥାନ୍ତି। ପିଲାଙ୍କ ବ୍ୟବହାରରେ ପରିବର୍ତ୍ତନ ପାଇଁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ରହିଛି। କେବଳ ବୟସ୍କ ଲୋକ ନୁହଁନ୍ତି ବରଂ ଛୋଟ ଛୋଟ ପିଲାମାନଙ୍କଠାରେ ହଠାତ୍ କୌଣସି ବିଷୟକୁ ନେଇ ରାଗିଯିବା, ଚିଡ଼ିଯିବା, ହତାଶ ହେବା, ଦୁଃଖ କରିବା ଆଦି ଲକ୍ଷଣ ଦେଖାଦେଉଛି; ଯାହାକି ମାନସିକ ରୋଗକୁ ଇଙ୍ଗିତ କରୁଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବରୁ ସମ୍ପ୍ରତି ନୂଆ ରୋଗ ଉଭା ହୋଇଛି। ଏହାଦ୍ୱାରା ପାଖାପାଖି ସବୁ ଦେଶ ପ୍ରଭାବିତ ହେଲେଣି। ହିଟ୍ ୱେଭ୍ ଯୋଗୁଁ କାନାଡ଼ା ପ୍ରଭାବିତ ହେବା ଉଦାହରଣ ଦେଖିବାକୁ ମିଳିଛି। ସେହିପରି ଜଳବାୟୁ ପରିବର୍ତ୍ତନର ପ୍ରଭାବ ସ୍ୱାସ୍ଥ୍ୟ ଉପରେ କିଭଳି ପ୍ରଭାବ ପକାଇବ, ତାହା ମଧ୍ୟ ଏଥିରୁ ବିଶେଷଜ୍ଞମାନେ ସ୍ପଷ୍ଟ ଭାବେ ବୁଝିପାରୁଛନ୍ତି।

## ନିୟମିତ ଔଷଧ ସେବନ ଆବଶ୍ୟକ

କେତେକ ମାନସିକ ରୋଗ ପାଇଁ ନିୟମିତ ଭାବେ ଔଷଧ ସେବନ କଲେ ସୁଫଳ ମିଳେ। ଔଷଧଗୁଡ଼ିକୁ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ବ୍ୟବହାର କରିବା ଆବଶ୍ୟକ। ସେହିପରି ମନସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା ରୋଗୀର ମନକୁ ପରିବର୍ତ୍ତନ କରି ମନ ଓ ପରିବେଶ ସହ ସମ୍ପର୍କ ସ୍ଥାପନା କରାଯାଏ। ଏପରିକି ବିଦ୍ୟୁତ୍ ଚିକିତ୍ସା (ଇସିଟି) ପଦ୍ଧତି ଯଥା ମୋଡିଫାଇଡ୍ ଇସିଟି ଓ ଡାଇରେକ୍ଟ ଇସିଟି ପଦ୍ଧତିରେ ଚିକିତ୍ସା କରାଯାଏ। ନିୟମିତ ବ୍ୟାୟାମ ଓ ଶାରୀରିକ ପରିଶ୍ରମ କରିବା ଦରକାର। ମାନସିକ ରୋଗୀ କୌଣସି ପ୍ରକାର ନିଶା ସେବନ କରିବା ଅନୁଚିତ। ମାନସିକ ରୋଗୀ ପ୍ରତି ତା'ର ପରିବାର ସଦସ୍ୟ ବା ସମ୍ପର୍କୀୟ ସ୍ନେହ ଶ୍ରଦ୍ଧା ରଖି ଚିକିତ୍ସା କରିବା ଦରକାର।

ମାନସିକ ରୋଗ ବିଶେଷଜ୍ଞ
ଦି' ବ୍ରେନ୍, ପୁରୀଘାଟ ରୋଡ, କଟକ
ମୋ: ୯୧୩୨୪୩୩୩୩୩

# ଗର୍ଭବତୀ ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ



ଡଃ ସରୋଜିନୀ ଷଡ଼ଙ୍ଗୀ

**ଗ୍ଲୋବାଲ୍ ୱାର୍ମିଂ ଯୋଗୁଁ ସମଗ୍ର ପୃଥିବୀକୁ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିବାକୁ ବାଧ କରିଛି । ଆଗ ଅପେକ୍ଷା ଏବେ ପୃଥବୀରେ ଉତ୍ତାପ ବୃଦ୍ଧି ପାଇ ଜଳବାୟୁର କ୍ଷିପ୍ର ପରିବର୍ତ୍ତନ ଘଟୁଛି । କେଉଁଠି ବଡ଼ ବଡ଼ ବରଫଖଣ୍ଡମାନ ତରଳି ସମୁଦ୍ରର ଜଳ ସ୍ତର ବଢ଼ିଯାଇ ବନ୍ୟା ସୃଷ୍ଟି ହେଉଛି ତ' ଆଉ କେଉଁଠି ଭୂକମ୍ପନ, ଭୂସ୍ଖଳନ, ସୁନାମି, ଝଡ଼, ସମୁଦ୍ରରେ ଲଘୁଚାପ ସୃଷ୍ଟି ଓ ମହାବାତ୍ୟା ତଥା ଅରଣ୍ୟରେ ମନକୁ ମନ ଅଗ୍ନି ସଂଯୋଗ ଆଦି ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଉଛି । ଫଳରେ ମଣିଷମାନେ ଅସହାୟ ଓ ବିପର୍ଯ୍ୟସ୍ତ ହୋଇପଡୁଛନ୍ତି । ପୃଥିବୀରେ ଜଳବାୟୁ ପରିବର୍ତ୍ତନ ସମସ୍ତଙ୍କୁ ପ୍ରଭାବିତ କରୁଛି । ତେବେ ଏଥିରେ ବେଶୀ ପ୍ରଭାବିତ ହୋଇଥାନ୍ତି ଗର୍ଭବତୀ ନାରୀ, ଗର୍ଭସ୍ଥ ଶିଶୁ ଏବଂ ଅଳ୍ପ ବୟସର ବାଳକବାଳିକାମାନେ ।**



ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆସିଷ୍ଟାଣ୍ଟ ଡାଇରେକ୍ଟର୍ ଫର୍ ୟୁନିଭର୍ସାଲ୍ ହେଲ୍ଥ କଭରେଜ୍ ବ୍ରୁସ୍ ଆଇଲ୍ ୱାର୍ଡଙ୍କ ମତରେ ଜଳବାୟୁ ପରିବର୍ତ୍ତନ ହିଁ ଗର୍ଭବତୀ ନାରୀ ଏବଂ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ବେଶୀ କ୍ଷତିକାରକ ହୋଇଥାଏ । ଗବେଷଣାରୁ ଜଣାଯାଏ ଯେ, ବିଶେଷ ଭାବରେ ୨୦୨୩ ମସିହାରେ ପୃଥିବୀରେ ସବୁଠାରୁ ବେଶୀ ତାପଜନିତ ବିପର୍ଯ୍ୟୟ ଦେଖାଦେଇଥିଲା । ସେତେବେଳେ ଗରମ ବାୟୁ ପ୍ରବାହ ଓ ଅଗ୍ନିକାଣ୍ଡ ହୋଇଥିଲା । ବାୟୁ ପ୍ରଦୂଷଣ ବୃଦ୍ଧି ପାଇବା ଫଳରେ କଲେରା, ମ୍ୟାଲେରିଆ ଓ ଡେଙ୍ଗୁ ଆଦି ବିଭିନ୍ନ ରୋଗ ବୃଦ୍ଧି ପାଇଥିଲା । ଏହାଦ୍ୱାରା ଗର୍ଭବତୀ ମହିଳା ଏବଂ ଶିଶୁମାନେ ବେଶୀ ସଂକ୍ରମିତ ହୋଇଥିଲେ ।

ବିଶେଷଭାବରେ ଗର୍ଭବତୀ ନାରୀମାନେ ଏହାର ଜଟିଳତା ଭୋଗିଥିଲେ । ସେମାନଙ୍କର ଗର୍ଭଜନିତ ଜଟିଳତା, ଅପରିଣତ ପ୍ରସବ, ଅଳ୍ପ ଓଜନର ଶିଶୁ ଏବଂ ଗର୍ଭରେ ଶିଶୁ ମୃତ୍ୟୁ ଆଦି ଦେଖା ଦେଇଥିଲା । ଏହି ଅଳ୍ପ ଓଜନର ଶିଶୁମାନଙ୍କର ଶରୀର ଓ ମସ୍ତିଷ୍କର ବିକାଶ ମଧ୍ୟ ଭଲ ଭାବରେ ହୁଏ ନାହିଁ । ଫଳରେ ପରବର୍ତ୍ତୀ କାଳରେ ଏମାନେ ସ୍ୱାସ୍ଥ୍ୟଗତ ଓ ମାନସିକ ସ୍ତରରେ ଜଟିଳତା ଭୋଗିଥାନ୍ତି ।

ପୃଥିବୀରେ ଅତ୍ୟଧିକ ଉତ୍ତାପସ୍ତର ବୃଦ୍ଧି ପାଇଲେ (Extreme Global Warming) ଗର୍ଭବତୀ ନାରୀମାନଙ୍କର ଅଳ୍ପ ଓଜନର ଶିଶୁ, ଅପରିଣତ ଶିଶୁ ଏବଂ ଜନ୍ମପରେ ଶିଶୁ ମୃତ୍ୟୁ ହୋଇଥାଏ । ବେଳେବେଳେ ହଠାତ୍ ଜଳବାୟୁ ପରିବର୍ତ୍ତନ ହେଲେ ଗର୍ଭପାତର ବିପଦ ବଢ଼ି ଯାଏ । ସମୟ ସମୟରେ ଗର୍ଭସ୍ଥ ଶିଶୁ ବିକଳାଙ୍ଗ ହୋଇଥାଏ । ଗ୍ରୀଷ୍ମଋତୁରେ ବା' ବାହାର ତାପମାତ୍ରା ବଢ଼ିଗଲେ ଗର୍ଭବତୀ ନାରୀର ପ୍ରସବ ସମୟରେ ଥର୍ମୋରେଗୁଲେଟରୀ ଶକ୍ତି କମିଯାଏ । ତେଣୁ ଡିହାଇଡ୍ରେସନ୍, ଅନ୍ତଃସ୍ରାବୀ ରସର ତଥା ଗର୍ଭଫୁଲରୁ ଝରୁଥିବା ହରମୋନ୍‌ର ଅସନ୍ତୁଳନ ହୁଏ । ତେଣୁ ଗର୍ଭାବସ୍ଥାରେ ମା'ର ରକ୍ତଚାପ ଜନିତ ଜଟିଳତା, ମଧୁମେହ ରୋଗ, ଅପରିଣତ ପ୍ରସବ ଓ ଗର୍ଭରେ ଶିଶୁ ମୃତ୍ୟୁ ହୁଏ । ଏହି ସମୟରେ ମା' ଓ ଶିଶୁର ସଂକ୍ରମଣ ହାର ମଧ୍ୟ ବଢ଼ିଯାଏ । ତେଣୁ ଏଇ ସମୟରେ ଗର୍ଭବତୀ ନାରୀମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ସହ ତାଙ୍କର କାର୍ଯ୍ୟସ୍ଥଳୀ ମଧ୍ୟ ସ୍ୱାସ୍ଥ୍ୟକର ରଖିବା ଉଚିତ ।

ବିଶ୍ୱ ଉଷ୍ମୀକରଣ ପାଇଁ ମାତୃ ମୃତ୍ୟୁହାର ଓ ଶିଶୁ ମୃତ୍ୟୁହାର ବଢ଼ିଯିବାର ଆଶଙ୍କା ରହୁଥିବାରୁ ଏଥିପାଇଁ ତୁରନ୍ତ ସ୍ୱାସ୍ଥ୍ୟକର ପଦକ୍ଷେପ ନେବା ଜରୁରି । ବିଶେଷ ଭାବରେ ପରିବେଶ ପ୍ରଦୂଷଣରୁ ଦୂରେଇ ରହିବା ଉଚିତ । ଚଳିତ ବର୍ଷର ଆଉ ଏକ ଚିନ୍ତାର ବିଷୟ ହେଉଛି 'ଏଲ୍‌ନିନୋ' । ଏହା ପ୍ରଶାନ୍ତ ମହାସାଗରରେ ସୃଷ୍ଟି ଏକ ସାମୁଦ୍ରିକ ଉଷ୍ଣସ୍ରୋତ, ଯାହା ମୌସୁମୀକୁ ଦୁର୍ବଳ କରି ପାଗକୁ ଶୁଷ୍କ ଓ ଉଷ୍ମ ରଖେ । ଏଥିପାଇଁ ମଧ୍ୟ ସମସ୍ତେ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବା ଜରୁରି । ■

ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ,
ଲିଙ୍କ୍‌ରୋଡ୍, କଟକ-୧୨
ମୋ: ୯୪୩୭୦୫୫୦୦୭







ଡାକ୍ତର ମାନସ ରଞ୍ଜନ ପୁହାଣ

# ତାପମାତ୍ରା ବୃଦ୍ଧି ଯୋଗୁଁ ଚର୍ମ ଉପରେ କୁପ୍ରଭାବ

ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି । ଅଚାନକ ବାୟୁମଣ୍ଡଳରେ ତାପମାତ୍ରା ବୃଦ୍ଧି ମାତ୍ରାଧିକଠାରୁ ଅଧିକ ବର୍ଷା ବା ଶୀତ ଜୀବଜଗତକୁ ପ୍ରଭାବିତ କରୁଛି । ତେଣୁ ଅଧିକ ଉତ୍ତପ୍ତ ବା ବର୍ଦ୍ଧିତ ତାପମାତ୍ରାରେ ମନୁଷ୍ୟ ନିଜ ତ୍ୱଚା ବା ଚର୍ମର ବିଶେଷ ଯତ୍ନ ନେବାର ଆବଶ୍ୟକତା ରହିଛି । କାରଣ ସୂର୍ଯ୍ୟକିରଣ ମଣିଷ ପାଇଁ ଯେତିକି ଉପକାରୀ, ସେତିକି କ୍ଷତିକାରକ ମଧ୍ୟ । ତେଣୁ ସୂର୍ଯ୍ୟକିରଣ ତ୍ୱଚା ଉପରେ କିପରି ପ୍ରଭାବ ପକାଉଛି, ଏହାକୁ ଧ୍ୟାନ ଦେବା ଦରକାର । ବିଶେଷକରି ଗ୍ରୀଷ୍ମ ଋତୁରେ ଏହା ମଣିଷର ଚର୍ମ ଉପରେ ଗଭୀର ପ୍ରଭାବ ପକାଇଥାଏ । ଅତ୍ୟଧିକ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିଲେ ବୟସ୍କ ପୂର୍ବରୁ ବି ଚର୍ମରେ କୁଞ୍ଚନ, ଦାଗ ସୃଷ୍ଟି ହେବା ସହ ଶୁଷ୍କ ହୋଇଯାଏ । ଚର୍ମରେ ଏହି ଅବସ୍ଥା ଅଧିକ ଦିନ ରହିଲେ, ଚର୍ମ କର୍କଟ ବା ସ୍କିନ୍ କ୍ୟାନ୍‌ସର ସ୍ଥିତି ସୃଷ୍ଟି ହେବାର ଆଶଙ୍କା ମଧ୍ୟ ଥାଏ । ଏହି ଦୃଷ୍ଟିରୁ ଗ୍ରୀଷ୍ମ ଋତୁରେ ଚର୍ମ ଏବଂ ଶରୀରର କୋମଳ ବା ସମ୍ବେଦନଶୀଳ ଅଙ୍ଗଗୁଡ଼ିକର ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯିବା ଜରୁରି ।

ସୂର୍ଯ୍ୟାଲୋକରେ ଥିବା ଅଲଟ୍ରା ଭାଓଲେଟ୍ ଏବଂ ଇନଫ୍ରା ରେଡ୍ ଭଳି ରଶ୍ମି ମଣିଷ ଶରୀର ପ୍ରତି ଅତ୍ୟନ୍ତ କ୍ଷତିକାରକ । ଏଥିରୁ ଚର୍ମକୁ ସୁରକ୍ଷିତ ରଖିବା ପାଇଁ ଦେହରେ ସନ୍‌ସ୍କ୍ରିନ୍ ଲୋଶନ ଲଗାଇବା ଜରୁରି । ତେବେ ସୂର୍ଯ୍ୟକିରଣ ତ୍ୱଚା ଉପରେ କିପରି ପ୍ରଭାବ ପକାଉଛି, ଏହାକୁ ଗୁରୁତ୍ୱ ଦେଇ ସର୍ବଦା ନିଜ ଶରୀରର ଚର୍ମ ଅନୁସାରେ ସନ୍‌ସ୍କ୍ରିନ୍ ଚୟନ କରିପାରିବେ । ସମସ୍ତ ସନ୍‌ସ୍କ୍ରିନ୍ କ୍ରିମ୍ ଗୋଟିଏ ପ୍ରକାର ଉପାଦାନରେ ହୋଇ ନ ଥାଏ । କିଛି କ୍ରିମ୍‌ରେ ମିନେରାଲ୍ ଭାଗ ଅଧିକ ଥିବା ବେଳେ ଆଉ କିଛିରେ ରାସାୟନିକ ଭାଗ ଅଧିକ ଥାଏ । କ୍ରିମଗୁଡ଼ିକରେ SPF ବା Sun protection factor (ସୂର୍ଯ୍ୟ ସଂରକ୍ଷଣ କାରକ)ର ମାତ୍ରା ଭିନ୍ନ ଭିନ୍ନ ଥାଏ । ତେବେ SPF ୨୦ ମାତ୍ରାର ସନ୍‌କ୍ରିମ୍ ସବୁଠୁ ଉପାଦେୟ । ତଥାପି ନିଜ ଚର୍ମର ସ୍ଥିତି ଅନୁସାରେ ଡାକ୍ତରଙ୍କ ପରାମର୍ଶ ନେଇ ସନ୍‌କ୍ରିମ୍ ବ୍ୟବହାର କରିବା ଉଚିତ୍ । ସର୍ବଦା ଚର୍ମ ବିଶେଷଜ୍ଞଙ୍କ ପରାମର୍ଶ ନେଇ ସନ୍‌ସ୍କ୍ରିନ୍ ବ୍ୟବହାର କରିବା ଲାଭପ୍ରଦ ।

ସେହିପରି ଚର୍ମ ଲୋଚାକୋଚା, ଶୁଷ୍କ ବା ଦାଗ ପଡ଼ିବାର ଆଉ ଏକ କାରଣ ହେଲା ଭିଟାମିନ୍ 'ଡି'ର ଅଭାବ । ଦେହରେ ସୂର୍ଯ୍ୟ କିରଣ ନ ପଡ଼ିବା ଏବଂ ଅତ୍ୟଧିକ ସନ୍‌ସ୍କ୍ରିନ୍ ଲୋଶନ ବ୍ୟବହାର କଲେ ଭିଟାମିନ୍‌ର ଅଭାବ ଦେଖାଦିଏ । ତେଣୁ ପ୍ରତିଦିନ ଶରୀରରେ କିଛି ପରିମାଣରେ ସୂର୍ଯ୍ୟ କିରଣ ପଡ଼ିବା ଉଚିତ ।

## କ'ଣ କରିବା ଉଚିତ

**ଅଧିକ ଗରମ ସମୟରେ ବାହାରକୁ ଯାଉଥିଲେ, ଦେହକୁ ପତଳା ସୂତା ପୋଷାକରେ ଯଥାସମ୍ଭବ ଅଧିକ ଆବୃତ୍ତ କରି ରଖନ୍ତୁ । ଆଖି ଏବଂ ମୁହଁର ସୁରକ୍ଷା ପାଇଁ ଚଷମା ଏବଂ ଟୋପି ବ୍ୟବହାର କରନ୍ତୁ । ଏଥି ସହିତ ଗାଧୋଇବା ପରେ ଘଷି ହୋଇ କିମ୍ବା କ୍ରିମ୍ ଲଗାନ୍ତୁ । କାରଣ ପାଣିରେ ଥିବା କ୍ଲୋରିନ୍ ଅଂଶ ଚର୍ମକୁ ଶୁଷ୍କ କରିଦେଇଥାଏ । ଏହାଦ୍ୱାରା ମଧ୍ୟ ଅନେକ ପ୍ରକାର ଚର୍ମ ରୋଗ ଦେଖାଦିଏ । ବାହାରକୁ ଯାଉଥିଲେ, ଆଖିରେ ଚଷମା ପିନ୍ଧିବା ଭଲ ଅଭ୍ୟାସ । ପର୍ଯ୍ୟାପ୍ତ ପରିମାଣର ପାଣି ପିଅନ୍ତୁ । ଅଧିକ ପରିମାଣର ଫଳ ଏବଂ ସାଲାଡ୍ ଖାଆନ୍ତୁ । ବାଦାମ, ମଞ୍ଜି, ତଟକା ମାଛ, ଫଳ ଗ୍ରୀଷ୍ମ ଋତୁ ପାଇଁ ସବୁଠୁ ଉତ୍ତମ ଖାଦ୍ୟ । ସୁଷମ ଏବଂ ଉତ୍ତମ ଖାଦ୍ୟ ସହିତ, ଆବଶ୍ୟକ ଅନୁସାରେ ସୂର୍ଯ୍ୟାଲୋକ, ପାଣି ଗ୍ରହଣ ଏବଂ ଡାକ୍ତରଙ୍କ ପରାମର୍ଶ ଅନୁସାରେ କ୍ରିମ୍ ବ୍ୟବହାର କଲେ, ଚର୍ମ ସୁସ୍ଥ, ସତେଜ ଏବଂ ସୁରକ୍ଷିତ ରହିପାରିବ । ତେଣୁ ଗ୍ରୀଷ୍ମଜନିତ ଅସୁସ୍ଥତା ଏବଂ ଅବହେଳାରୁ କୌଣସି ଏକ ବଡ଼ କ୍ଷତି ହେବା ପୂର୍ବରୁ ଚର୍ମର ଉପଯୁକ୍ତ ଯତ୍ନ ନିଆଯିବା ଜରୁରି ।** ■

ଚର୍ମ ରୋଗ ବିଶେଷଜ୍ଞ, ନିକି ସ୍କିନ୍ କେୟାର୍, ଭୁବନେଶ୍ୱର



ଡକ୍ଟର ସ୍ମୃତି ରଂଜନ ପଧାନ

# କୃଷି କାର୍ଯ୍ୟରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ

ଧରାପୃଷ୍ଠରେ ଜଳବାୟୁ ପରିବର୍ତ୍ତନ ଅପରିହାର୍ଯ୍ୟ । ତେବେ ମାନବଜନିତ ହେଉଥିବା ଜଳବାୟୁ ପରିବର୍ତ୍ତନର ଦ୍ରୁତ ହାର ବର୍ତ୍ତମାନ ସମୟର ମୁଖ୍ୟ ଚିନ୍ତା ଅଟେ । ଜଳବାୟୁ ପରିବର୍ତ୍ତନ, ଏକବିଂଶ ଶତାବ୍ଦୀର ସବୁଠାରୁ ବଡ଼ ଆହ୍ୱାନ ପାଲଟିଛି; ଯାହାର ସୁଦୂରପ୍ରସାରୀ ପ୍ରଭାବ କୃଷି ସମେତ ମାନବ ସମାଜର ବିଭିନ୍ନ କ୍ଷେତ୍ର ଉପରେ ପଡୁଛି । ଅନ୍ତର୍ଜାତୀୟ ପ୍ରତିଷ୍ଠାନ ଇଣ୍ଟର୍ ଗଭର୍ଣ୍ଣମେଣ୍ଟାଲ୍ ପ୍ୟାନେଲ୍ ଅନ୍ କ୍ଲାଇମେଟ୍ ଚେଞ୍ଜ୍ (ଆଇପିସିସି) ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁଯାୟୀ, ୧୯୭୦ ମସିହା ପରଠାରୁ ବିଶ୍ୱର ହାରାହାରି ତାପମାତ୍ରା ଶତକ ପିଛା ୧.୭ ଡିଗ୍ରୀ ସେଣ୍ଟିଗ୍ରେଡ୍ ହାରରେ ବୃଦ୍ଧି ପାଉଛି । ବିଶେଷକରି ତାପମାତ୍ରା, ବୃଷ୍ଟିପାତ ଓ ପାଣିପାଗ ପ୍ରଣାଳୀ ଭଳି ଜଳବାୟୁ ସମ୍ବେଦନଶୀଳ କାରକ ଉପରେ ନିର୍ଭରଶୀଳ ଥିବାରୁ କୃଷିକ୍ଷେତ୍ର, ଜଳବାୟୁ ପରିବର୍ତ୍ତନ ପ୍ରଭାବର ବହୁଳ ମାତ୍ରାରେ ଶିକାର ହେଉଛି । ଏହି ମାନଦଣ୍ଡରେ ପରିବର୍ତ୍ତନ ଫସଲର ଉତ୍ପାଦକତା, ଜଳ ଉପଲବ୍ଧତା, କୀଟ, ରୋଗର ଗତିଶୀଳତା ଏବଂ ସାମଗ୍ରିକ କୃଷି ସ୍ଥିରତାକୁ ଉଲ୍ଲେଖନୀୟ ଭାବରେ ପ୍ରଭାବିତ କରିପାରେ । କୃଷି ଉପରେ ଜଳବାୟୁ ପରିବର୍ତ୍ତନର ବହୁମୁଖୀ ପ୍ରଭାବର ଅନୁସନ୍ଧାନ ସହିତ ପ୍ରମୁଖ ବାଧା, ଅନୁକୂଳ ରଣନୀତି ଏବଂ ପ୍ରଶମନ ପଦକ୍ଷେପ ଉପରେ ଏହି ଉପସ୍ଥାପନା ।

## ରୋଗପୋକ ବୃଦ୍ଧି



କୃଷି ଉପରେ ଜଳବାୟୁ ପରିବର୍ତ୍ତନର ଏକ ପ୍ରାଥମିକ ପ୍ରଭାବ ହେଉଛି ତାପମାତ୍ରା ଢାଞ୍ଚାରେ ପରିବର୍ତ୍ତନ । ତାପମାତ୍ରା ବୃଦ୍ଧି ଫଳରେ ଉଦ୍ଭିଦରେ ଉତ୍ତାପ ଚାପ ସୃଷ୍ଟି ହୋଇଥାଏ, ଯାହା ଶାରୀରିକ ପ୍ରକ୍ରିୟା ଯଥା- ଆଲୋକ ସଂଶ୍ଲେଷଣ, ଶ୍ୱସନ ଏବଂ ଜଳ ଗ୍ରହଣ କ୍ଷମତାକୁ ପ୍ରଭାବିତ କରିଥାଏ । ଉତ୍ତାପ ଚାପ ଫସଲ ବିଶେଷତଃ ଗହମ, ମକା ଏବଂ ଚାଉଳ ଭଳି ଉତ୍ତାପ ସମ୍ବେଦନଶୀଳ ଫସଲର ଅମଳ ଏବଂ ଗୁଣବତ୍ତାକୁ ହ୍ରାସ କରିଥାଏ । ତାପମାତ୍ରାରେ ପରିବର୍ତ୍ତନ କୃଷି ପରିସଂସ୍ଥାର ପରିବେଶ ସନ୍ତୁଳନକୁ ବ୍ୟାହତ କରିପାରେ ଏବଂ ତାହା ସହିତ ପରାଗଣ, ମୃତ୍ତିକା ଅଣୁଜୀବ କାର୍ଯ୍ୟକଳାପ ଏବଂ ଉପକାରୀ କୀଟ ବଣ୍ଟନକୁ ପ୍ରଭାବିତ କରିଥାଏ । ବୃଷ୍ଟିପାତର ଢାଞ୍ଚାରେ ପରିବର୍ତ୍ତନ ମଧ୍ୟ କୃଷି ପାଇଁ ଗୁରୁତ୍ୱପୂର୍ଣ୍ଣ ବାଧା ସୃଷ୍ଟି କରେ ।

ଜଳବାୟୁ ପରିବର୍ତ୍ତନ ଦ୍ୱାରା ଫସଲରେ ରୋଗପୋକ ବୃଦ୍ଧି ମଧ୍ୟ ହୋଇଥାଏ । ଉଷ୍ମ ତାପମାତ୍ରା ଏବଂ ପରିବର୍ତ୍ତିତ ଜଳବାୟୁ ପରିସ୍ଥିତି, କୀଟନାଶକ ଏବଂ ଜୀବାଣୁ ବିସ୍ତାର ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରେ । ଯାହା ଫସଲରେ କୀଟନାଶକ ବୃଦ୍ଧି ଓ ରୋଗ ମହାମାରୀକୁ ବଢ଼ାଇ ଥାଏ । ଉଦାହରଣ ସ୍ୱରୂପ, ଅଧିକ ତାପମାତ୍ରା କୀଟଗୁଡ଼ିକର ଜୀବନଚକ୍ରକୁ ତ୍ୱରାନ୍ୱିତ କରିପାରେ । ସେମାନଙ୍କର ପ୍ରଜନନ ହାରକୁ ବୃଦ୍ଧି କରିଥାଏ । ଫଳସ୍ୱରୂପ ଅଧିକ ସଂକ୍ରମଣ ଓ ଫସଲ ନଷ୍ଟ ହୋଇପାରେ । ସେହିଭଳି ବୃଷ୍ଟିପାତର ପରିମାଣରେ ପରିବର୍ତ୍ତନ ଜଳ ଜନିତ ରୋଗ, ମୃତ୍ତିକା ଜନିତ ଜୀବାଣୁ ଏବଂ ଫସଲରେ କବକ ଜନିତ ସଂକ୍ରମଣ ଉପରେ ପ୍ରଭାବ ପକାଇପାରେ; ଯାହା ଫସଲ ଉତ୍ପାଦନ କ୍ଷମତାରେ ଅତିରିକ୍ତ ବ୍ୟାଘାତ ସୃଷ୍ଟି କରିଥାଏ ।



## ଫସଲ ଉତ୍ପାଦନ ହ୍ରାସ

ଜଳବାୟୁ ପରିବର୍ତ୍ତନ ବୃଷ୍ଟିପାତର ତୀବ୍ରତାରେ ପରିବର୍ତ୍ତନ ଘଟାଇଥାଏ, ଯାହା ଫଳରେ ବାରମ୍ବାର ମରୁଡ଼ି, ବନ୍ୟା ପରିସ୍ଥିତି ଏବଂ ଅସ୍ଥିର ପାଣିପାଗ ପରିସ୍ଥିତି ସୃଷ୍ଟି ହୁଏ । ମରୁଡ଼ି ଫସଲର ଅଭିବୃଦ୍ଧିକୁ ଦୁର୍ବଳ କରିପାରେ, ମୃତ୍ତିକାର ଆର୍ଦ୍ରତା ହ୍ରାସ କରିପାରେ । ତାହା ସହିତ ଉଭିଦ ଉପରେ ଜଳ ଚାପ ବୃଦ୍ଧି କରିଥାଏ । ଅପରପକ୍ଷେ, ପ୍ରବଳ ବୃଷ୍ଟିପାତ ଯୋଗୁଁ ବନ୍ୟା ଜନିତ ମୃତ୍ତିକା କ୍ଷୟ, ଜଳପ୍ରବାହ ଅବସ୍ଥା, ପୋଷକ ତତ୍ତ୍ୱ କ୍ଷୟ ହୋଇପାରେ; ଯାହା ଫସଲ ଉତ୍ପାଦନ , ମୃତ୍ତିକାର ଉର୍ବରତା ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ଅଧିକନ୍ତୁ, ବୃଷ୍ଟିପାତର ଢାଞ୍ଚାରେ ପରିବର୍ତ୍ତନ ଜଳସେଚନ, ପଶୁପାଳନ, କୃଷି କାର୍ଯ୍ୟକଳାପ ପାଇଁ ଜଳ ଉତ୍ସର ଉପଲବ୍ଧତା ଉପରେ ପ୍ରଭାବ ପକାଇବା ବ୍ୟତୀତ ଶୁଷ୍କ ଓ ଅର୍ଦ୍ଧ-ଶୁଷ୍କ ଅଞ୍ଚଳରେ ଜଳାଭାବକୁ ବହୁ ପରିମାଣରେ ବଢ଼ାଇଥାଏ ।





# କୁକୁଡ଼ା ଓ ପଶୁପାଳନ ପ୍ରଭାବିତ

ଜଳବାୟୁ ପରିବର୍ତ୍ତନ ପଶୁପାଳନ ଏବଂ କୁକୁଡ଼ା ଉତ୍ପାଦନ ପାଇଁ ଗୁରୁତ୍ୱପୂର୍ଣ୍ଣ ବାଧା ସୃଷ୍ଟି କରିଥାଏ । ଯାହା ଉଭୟ ପଶୁ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ଉପରେ ତଥା ସାମଗ୍ରିକ କୃଷି ସ୍ଥିରତା ଉପରେ ବିଶେଷ ପ୍ରଭାବ ପକାଇଥାଏ । ପଶୁପାଳନ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବହୁମୁଖୀ, ଯାହା କି ତାପମାତ୍ରା, ବୃଷ୍ଟିପାତର ଢାଞ୍ଚା ଏବଂ ପାଣିପାଗ ଘଟଣାର ପ୍ରାଦୁର୍ଭାବକୁ ଅନ୍ତର୍ଭୁକ୍ତ କରେ । ଅତିରିକ୍ତ ଭାବରେ, ଜଳବାୟୁ ପରିବର୍ତ୍ତନ ଚାପକୁ ବଢ଼ାଇ ପାରେ । ଯେପରିକି ନୂଆଁ ନୂଆଁ ରୋଗ ବ୍ୟାପିବା, ପଶୁ ଆହାର ଉପଲବ୍ଧତା, ଏବଂ ଜଳ ଅଭାବ, ପଶୁପାଳନ ଏବଂ କୁକୁଡ଼ା ପ୍ରଣାଳୀର ପରିଚାଳନାକୁ ଆହୁରି ଜଟିଳ କରିପାରେ । ଜଳବାୟୁ ପରିବର୍ତ୍ତନ ସହିତ ଜଡ଼ିତ ଉଚ୍ଚ ତାପମାତ୍ରା ପଶୁ କଲ୍ୟାଣ, ଉତ୍ପାଦକତା ଏବଂ କୁକୁଡ଼ା ଉତ୍ପାଦନ ପ୍ରଣାଳୀ ଉପରେ କ୍ଷତିକାରକ ପ୍ରଭାବ ପକାଇପାରେ । ଉଚ୍ଚ ତାପମାତ୍ରାରେ ଦୀର୍ଘ ସମୟ ଧରି ସଂସ୍ପର୍ଶରେ ଆସି ଉତ୍ତାପ ଚାପ, ଆହାର ଗ୍ରହଣ ଓ ପ୍ରଜନନ କ୍ଷମତାକୁ ହ୍ରାସ କରିପାରେ ଏବଂ ପଶୁମାନଙ୍କଠାରେ ରୋଗ ପ୍ରତି ସମ୍ବେଦନଶୀଳତା ବହୁ ପରିମାଣରେ ବଢ଼ାଇ ଥାଏ । ବିଶେଷ କରି କୁକୁଡ଼ାମାନେ ଉତ୍ତାପ ଚାପ ପ୍ରତି ଅତ୍ୟଧିକ ସମ୍ବେଦନଶୀଳ ଥାଆନ୍ତି । କାରଣ ସେମାନଙ୍କର ସ୍ୱେଦ ଗ୍ରନ୍ଥିର ଅଭାବ ରହିଥାଏ । ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ କରିବା ପାଇଁ ବାଷ୍ପୀକରଣ ଶୀତଳ ପ୍ରଣାଳୀ ଉପରେ ନିର୍ଭର କରନ୍ତି । ଉତ୍ତାପ ଚାପ ଦ୍ୱାରା ଅଣ୍ଡା ଉତ୍ପାଦନ ହ୍ରାସ ପାଇବା ସହିତ ଅଣ୍ଡା ଫୁଟାଇବା ହାର କମ୍ ହୁଏ । ସେହିପରି କୁକୁଡ଼ା ମୃତ୍ୟୁହାର ବୃଦ୍ଧି ଘଟେ ।

ତ୍ରୁଟିପୂର୍ଣ୍ଣ ବୃଷ୍ଟିପାତର ଢାଞ୍ଚା, ଦୀର୍ଘସ୍ଥାୟୀ ମରୁଡ଼ି, ଫ୍ଲାସ୍ ଫ୍ଲଡ୍ ବା ଅଚାନକ୍ ବନ୍ୟା, ପଶୁପକ୍ଷୀମାନଙ୍କର ଆହାର, ଜଳ ଉପଲବ୍ଧତାରେ ବାଧା ସୃଷ୍ଟି କରିପାରେ । ଯାହାଦ୍ୱାରା ପଶୁପାଳନ ଓ କୁକୁଡ଼ାମାନଙ୍କରେ ପୁଷ୍ଟିଭାବ ଏବଂ ଡିହାଇଡ୍ରେସନ୍ ଭଳି ପରିସ୍ଥିତି ଦେଖାଦେଇପାରେ । ଘୂର୍ଣ୍ଣିବଳୟ, ଜଙ୍ଗଲ ନିଆଁ ଏବଂ ବାତ୍ୟା ଭଳି ଭୀଷଣ ପାଣିପାଗ ଘଟଣା ପ୍ରାଣୀମାନଙ୍କର ଶାରୀରିକ ଆଘାତ, ବିସ୍ଥାପନ, ମୃତ୍ୟୁହାର ସହିତ ଭିତ୍ତିଭୂମିରେ କ୍ଷତି ଘଟାଇପାରେ । ଉପରୋକ୍ତ ବର୍ଣ୍ଣିତ ତଥ୍ୟ ସହିତ, ପଶୁପାଳନ ଏବଂ କୁକୁଡ଼ା ଜନସଂଖ୍ୟାରେ ସଂକ୍ରାମକ ରୋଗର ବଣ୍ଟନ ଏବଂ ପ୍ରସାର ଉପରେ ମଧ୍ୟ ଜଳବାୟୁ ପରିବର୍ତ୍ତନ ଖୁବ୍ ପ୍ରଭାବ ପକାଇପାରେ । ଉଷ୍ମ ତାପମାତ୍ରା ଏବଂ ଆର୍ଦ୍ରତା ବୃଦ୍ଧି ଦ୍ୱାରା ଜୀବାଣୁ, ବୀଜାଣୁ ଏବଂ ପରଜୀବୀ ରୋଗବାହକ ବିସ୍ତାର ପାଇଁ ଅନୁକୂଳ ଅବସ୍ଥା ଯୋଗାଇଥାଏ । ଫଳସ୍ୱରୂପ ପଶୁଙ୍କଠାରେ ଅତ୍ୟଧିକ ସଂକ୍ରାମକ ରୋଗ ଦେଖାଦିଏ । ଉଦାହରଣ ସ୍ୱରୂପ, ଆଫ୍ରିକୀୟ ଦେଶରେ ଦେଖା ଦେଇଥିବା ପରିବାହାକ ଜନିତ ଘୁଷୁରି ଜ୍ୱର ଏବଂ ବାର୍ଡ ଫ୍ଲୁ ଭଳି ରୋଗ ଗରମ ଜଳବାୟୁରେ ଅଧିକ ଦ୍ରୁତ ଗତିରେ ବ୍ୟାପୀ ପାରେ । ଯାହାକି ପଶୁପକ୍ଷୀଙ୍କ ପ୍ରତି ଭୟାନକ ବିପଦ ସୃଷ୍ଟି କରିଥାଏ । ତାପମାତ୍ରା ଏବଂ ବୃଷ୍ଟିପାତର ଢାଞ୍ଚାରେ ପରିବର୍ତ୍ତନ, ଚାରା ଫସଲ, ତୃଣଭୂମି, ଚାରଣଭୂମିର ବୃଦ୍ଧିକୁ ମଧ୍ୟ ବଦଳାଇପାରେ । କାରଣ ପଶୁମାନଙ୍କର ଚାରଣ କ୍ଷମତା ସହିତ ସେମାନଙ୍କର ଆହାରର ପୁଷ୍ଟିକର ମୂଲ୍ୟ ବ୍ୟତୀତ ଖାଇବା ଯୋଗ୍ୟତାକୁ ହ୍ରାସ କରିପାରେ । ପଶୁପାଳନ ଏବଂ ଅନ୍ୟାନ୍ୟ କୃଷି କାର୍ଯ୍ୟକଳାପ ମଧ୍ୟରେ ଜମି, ଶକ୍ତି, ଜଳ ଉତ୍ସ ପାଇଁ ପ୍ରତିଯୋଗିତା ତୀବ୍ର ହୋଇପାରେ । କାରଣ ଜଳବାୟୁ ପରିବର୍ତ୍ତନ କେତେକ ଅଞ୍ଚଳରେ ପ୍ରାକୃତିକ ଉତ୍ସ ଅଭାବକୁ ବହୁମାତ୍ରାରେ ବଢ଼ାଇ ଦେଇଥାଏ ।



# କୃଷକଙ୍କ ଆର୍ଥିକ ଦିଗ ପ୍ରଭାବିତ

ଜଳବାୟୁ ପରିବର୍ତ୍ତନ ହେତୁ ସୁନାମି, ଘୂର୍ଣ୍ଣିବଳୟ, ବାତ୍ୟା, ଅସହ୍ୟ ତାତି ଭଳି ଭୀଷଣ ପାଣିପାଗ ଘଟଣା ବାରମ୍ବାର ପୁନରାବୃତ୍ତି ହେବାରେ ଲାଗିଛି । ଏହି ଘଟଣାଗୁଡ଼ିକ କୃଷି ଭିତ୍ତିଭୂମି, ଫସଲ, ପଶୁପାଳନ ପାଇଁ ବ୍ୟାପକ କ୍ଷତି ଘଟାଇପାରେ । ଘୂର୍ଣ୍ଣିବଳୟ ଏବଂ ଭୀଷଣ ବାତ୍ୟା ଗଛଗୁଡ଼ିକୁ ଉପୁଡ଼ାଇ ଫସଲ ନଷ୍ଟ କରିପାରେ । ସେହିପରି ବନ୍ୟା ଜଳ ସହିତ କୃଷି କ୍ଷେତ୍ରକୁ ଜଳାର୍ଣ୍ଣବ କରି ଫସଲହାନି ଘଟାଇପାରେ । ଏତଦ୍‌ବ୍ୟତୀତ, ଉଷ୍ମ ଉତ୍ତାପ ପ୍ରବାହ ଉଦ୍ଭିଦଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରିବା ସହିତ ଅମଳ ହ୍ରାସ କରିପାରେ । ଏହିସବୁ ପ୍ରତିକୂଳ ପରିସ୍ଥିତି, ବଜାର କ୍ଷେତ୍ରରେ ଖାଦ୍ୟଯୋଗାଣ ଶୃଙ୍ଖଳା, ପରିବହନ ନେଟୱାର୍କ, ବଜାର ଶୃଙ୍ଖଳାକୁ ବାଧା ସୃଷ୍ଟି କରିପାରେ । ଯଦ୍ୱାରା ଖାଦ୍ୟ ନିରାପତ୍ତା ଏବଂ ଆର୍ଥିକ ଦୁର୍ବଳ କଳୁଷିତ ଗ୍ରାମ୍ୟ ଅଞ୍ଚଳରେ ଦାରିଦ୍ର୍ୟକୁ ତ୍ୱରାନ୍ୱିତ କରିପାରେ ।









# ଚାଷ ପ୍ରଣାଳୀରେ ପରିବର୍ତ୍ତନ ଆବଶ୍ୟକ

ଜଳବାୟୁ ପରିବର୍ତ୍ତନ ଯୋଗୁଁ ଉତ୍ପନ୍ନ ହୋଇଥିବା ବାଧାଗୁଡ଼ିକର ଉତ୍ତରରେ କୃଷକ ନୀତି ନିର୍ଣ୍ଣୟକାରୀ ଏବଂ ଅନୁସନ୍ଧାନକାରୀମାନେ କୃଷି ପ୍ରଣାଳୀର ସ୍ଥାଣୁତା ବୃଦ୍ଧି ପାଇଁ ବିଭିନ୍ନ ଅନୁକୂଳ ରଣନୀତି କାର୍ଯ୍ୟକାରୀ କରୁଛନ୍ତି । ଜଳବାୟୁ-ସ୍ମାର୍ଟ କୃଷି ଆଭିମୁଖ୍ୟ, ଯାହା ଜଳବାୟୁ ଅନୁକୂଳ, ଗ୍ରୀନ୍ ହାଉସ୍ ଗ୍ୟାସ୍ ହ୍ରାସ ଏବଂ ଖାଦ୍ୟ ନିରାପତ୍ତା ଉଦ୍ଦେଶ୍ୟକୁ ଏକତ୍ର କରିଥାଏ । ଏହା ଏବେ ବିଶ୍ୱବ୍ୟାପୀ ଆକର୍ଷିତ ହେବାରେ ଲାଗିଛି । ଏହି ଅଭ୍ୟାସରେ ମରୁଡ଼ି ପ୍ରତିରୋଧକ ଫସଲ କିସମ, ଜଳ-ଦକ୍ଷ ଜଳସେଚନ ପ୍ରଯୁକ୍ତିବିଦ୍ୟା, କୃଷି ବନୀକରଣ ପ୍ରଣାଳୀ ଏବଂ ମୃତ୍ତିକା ସଂରକ୍ଷଣ ବ୍ୟବସ୍ଥା ଅନ୍ତର୍ଭୁକ୍ତ । ଅତିରିକ୍ତ ଭାବରେ ତା' ସହିତ ଉନ୍ନତ ପାଣିପାଗ ପୂର୍ବାନୁମାନ, ପ୍ରାରମ୍ଭିକ ଚେତାବନୀ ପ୍ରଣାଳୀ, ବିପଦ ପରିଚାଳନା କୌଶଳ, କୃଷକମାନଙ୍କୁ ସେମାନଙ୍କ ଜୀବିକା ଉପରେ ଜଳବାୟୁ ସମ୍ବନ୍ଧୀୟ ବିପଦର ପ୍ରଭାବକୁ ଅନୁମାନ ଏବଂ ହ୍ରାସ କରିବାରେ ସାହାଯ୍ୟ କରିଥାଏ । କୃଷି ଅନୁକୂଳନ ଜନିତ ପ୍ରୟାସ ସହିତ ଜଳବାୟୁ ପରିବର୍ତ୍ତନକୁ ସମାଧାନ କରିବା ପାଇଁ କୃଷି ସହିତ ଜଡ଼ିତ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନକୁ ହ୍ରାସ କରିବା ବହୁତ ଜରୁରି ଅଟେ । ଯାହାର କି କୃଷି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ । କୃଷିର ବିଭିନ୍ନ କାର୍ଯ୍ୟକ୍ରିୟା, ଯେମିତି କି ଜମି ବ୍ୟବହାର ପରିବର୍ତ୍ତନ, ଜଙ୍ଗଲ ନଷ୍ଟ ହେବା, ଅଙ୍ଗାରକାମ୍ଳ, ଧାନ ଚାଷରୁ ମିଥେନ୍ ଏବଂ ସଂଶ୍ଳେଷିତ ସାର, ଖତ ପରିଚାଳନାରୁ ନାଇଟ୍ରସ୍ ଅକ୍ସାଇଡ୍ ନିର୍ଗମନ ଇତ୍ୟାଦି ବାୟୁ ମଣ୍ଡଳରେ ଗ୍ରୀନ ହାଉସ୍ ଗ୍ୟାସ୍ ବୃଦ୍ଧି ପାଇଁ ପ୍ରମୁଖ ରୂପେ ଦାୟୀ । ଜୈବ କୃଷି, ପ୍ରାକୃତିକ କୃଷି, ସଂରକ୍ଷଣ କୃଷି, ଫସଲରେ ପୋଷଣ ପ୍ରବନ୍ଧନ ପରି ସ୍ଥାୟୀ ଚାଷ ପ୍ରଣାଳୀ କାର୍ଯ୍ୟକାରୀ କରିବା ଦ୍ୱାରା ଏହି ନିର୍ଗମନ ହ୍ରାସ ହୋଇପାରିବ । ମୃତ୍ତିକାରେ କାର୍ବନ ଅଧିଗ୍ରହଣ ବୃଦ୍ଧି ହେବ । ଅକ୍ଷୟ ଶକ୍ତି ଉତ୍ସକୁ ପ୍ରୋତ୍ସାହିତ କରିବା, ପଶୁପାଳନ ପରିଚାଳନା ଅଭ୍ୟାସରେ ଉନ୍ନତି ଆଣିବା, କୃଷିତନ୍ତ୍ର ସ୍ଥିରତାରେ ଉନ୍ନତି, କୃଷି କ୍ଷେତ୍ରରେ ଜଳବାୟୁ ପରିବର୍ତ୍ତନକୁ ହ୍ରାସ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ।

କୃଷି ଉପରେ ଜଳବାୟୁ ପରିବର୍ତ୍ତନର ବହୁମୁଖୀ ପ୍ରଭାବକୁ ସମାଧାନ କରିବା ଏବଂ ଖାଦ୍ୟ ଉତ୍ପାଦନ ପ୍ରଣାଳୀର ସ୍ଥିରତାକୁ ସୁନିଶ୍ଚିତ କରିବା ପାଇଁ ନୀତି ହସ୍ତକ୍ଷେପ ଗୁରୁତ୍ୱପୂର୍ଣ୍ଣ । ଜଳବାୟୁ-ସ୍ମାର୍ଟ କୃଷି ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଭାବଶାଳୀ ନୀତିଗୁଡ଼ିକର ବିକାଶ ତଥା କାର୍ଯ୍ୟକାରୀ କରିବା ପାଇଁ ସରକାର, ଅନ୍ତର୍ଜାତୀୟ ସଂଗଠନ, ହିତାଧିକାରୀମାନେ ସହଯୋଗ କରିବା ଆବଶ୍ୟକ । ଏଥିରେ ଯେଉଁ କୃଷକମାନେ ସଂରକ୍ଷଣ କୃଷି, କୃଷି ବନୀକରଣ ଏବଂ ସଠିକ୍ ଜଳସେଚନ ଭଳି ନୀତିକୁ କାର୍ଯ୍ୟକାରୀ କରନ୍ତି, ସେମାନଙ୍କୁ ଆର୍ଥିକ ପ୍ରୋତ୍ସାହନ, ସବ୍‌ସିଡି ଏବଂ ବୈଷୟିକ ସହାୟତା ଯୋଗାଇ ଦିଆଯାଇ ପାରିବ । ପୁଷ୍ଟି ଶସ୍ୟ/ ମିଲେଟ୍ ଫସଲ ଗୁଡ଼ିକ ଜଳବାୟୁ ଅନୁକୂଳତା ଓ ପ୍ରତିରୋଧକ ଅଟେ । ସେଥିପାଇଁ ମିଲେଟ୍ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ୨୦୨୩ ବର୍ଷକୁ ମିଳିତ ଜାତିସଂଘ ଦ୍ୱାରା 'ଅନ୍ତର୍ଜାତୀୟ ମିଲେଟ୍ ବର୍ଷ' ଭାବରେ ଘୋଷଣା କରାଯାଇଛି । ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ମୁକାବିଲା କରିବା ପାଇଁ କୃଷକ ଏବଂ ଗ୍ରାମୀଣ ସମ୍ପ୍ରଦାୟର ଅନୁକୂଳନ କ୍ଷମତା ବୃଦ୍ଧି ଉପରେ ନୀତିଗତ ହସ୍ତକ୍ଷେପ ମଧ୍ୟ ଧ୍ୟାନ ଦେବା ଉଚିତ । ଏତଦ୍‌ବ୍ୟତୀତ ନୀତିଗୁଡ଼ିକ କୃଷକ ଦକ୍ଷତା ବିକାଶ ପଦକ୍ଷେପ, କୃଷି ତାଲିମ କାର୍ଯ୍ୟକ୍ରମ ଏବଂ ଜ୍ଞାନ ବିନିମୟ ନେଟୱାର୍କକୁ କୃଷକମାନଙ୍କୁ ସୂଚନାପୂର୍ଣ୍ଣ ନିଷ୍ପତ୍ତି ନେବାକୁ ସଶକ୍ତ କରିବାକୁ ପ୍ରୋତ୍ସାହିତ କରିପାରିବ ।

ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥା, ନୂଆଦିଲ୍ଲୀ
ମୋ: ୮୭୬୩୭୦୫୮୦୭

# ବିପଦରେ ଜୀବଜଗତ



ଜଳବାୟୁ ପରିବର୍ତ୍ତନ ଯୋଗୁଁ ପ୍ରାକୃତିକ ସଂପଦ ବ୍ୟାପକ ଭାବରେ ନଷ୍ଟ ହେବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ ବିଶ୍ୱର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗୁଛି। ବନାଗ୍ନି ଯୋଗୁଁ ହଜାର ହଜାର ହେକ୍ଟର ଜଙ୍ଗଲ ପୋଡ଼ି ପାଉଁଶ ହୋଇଯାଉଛି। ଆଗାମୀ ଦିନରେ ଜଙ୍ଗଲରେ ନିଆଁ ଲାଗିବା ଘଟଣା ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି। ବିଶ୍ୱ ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜୀବଜଗତ ପ୍ରତି ବିପଦ ଦେଖାଦେଇଛି। ଋତୁ ଚକ୍ରରେ ଅନିୟମିତତା ଯୋଗୁଁ ଗଛଲତାଗୁଡ଼ିକ ଠିକ୍ ଭାବେ ବଢ଼ି ପାରୁନାହାଁନ୍ତି। ଗଛରେ ଫୁଲ, ଫଳ ଧରିବାରେ ବିଳମ୍ବ ହେଉଛି। ସେହିପରି ଅନେକ ପ୍ରଜାତିର ପଶୁପକ୍ଷୀ ଲୋପ ପାଇବାକୁ ବସିଲେଣି। ବିଶ୍ୱ ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିର୍ତ୍ତନ ଆଗାମୀ ଦିନରେ ସମଗ୍ର ବିଶ୍ୱ ପାଇଁ ବିପଦ ସୃଷ୍ଟି କରିବ।

## ବିଶ୍ୱର ପ୍ରସିଦ୍ଧ ଜଙ୍ଗଲରେ ନିଆଁ

ଦିନକୁ ଦିନ ସମଗ୍ର ବିଶ୍ୱର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିବା ଏକ ସାଧାରଣ ଘଟଣା ହେବାରେ ଲାଗିଛି। ରୋଡ୍ ଆଇଲ୍ୟାଣ୍ଡ ଭଳି ପର୍ଯ୍ୟଟନ ସ୍ଥଳୀଠାରୁ ଆରମ୍ଭ କରି କାନାଡ଼ା ଓ ବ୍ରାଜିଲର ଜଙ୍ଗଲ ପର୍ଯ୍ୟନ୍ତ। ସବୁ ଜଙ୍ଗଲ ପୋଡ଼ି ଘଟଣାର ପ୍ରମୁଖ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ। ଆମେରିକାର, ଅଷ୍ଟ୍ରେଲିଆ, ଇଟାଲୀ, ପର୍ତ୍ତୁଗାଲ, ଚିଲି ଆଦି ବିଭିନ୍ନ ରାଷ୍ଟ୍ର ବଡ଼ ବଡ଼ ଜଙ୍ଗଲରେ ନିଆଁ ଲାଗିବା ଘଟଣା ଚିନ୍ତାର କାରଣ ପାଲଟିଛି। ଜଳବାୟୁ ପରିବର୍ତ୍ତନ ପାଇଁ ଏହି ସବୁ ଜଙ୍ଗଲରେ ବାରମ୍ବାର ନିଆଁ ଲାଗିଥାଏ। ୨୦୧୯-୨୦ ମସିହାରେ ଅଷ୍ଟ୍ରେଲିଆ ଜଙ୍ଗଲରେ ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଥିଲା। ଯେଉଁଥିରେ ୨୪୩,୦୦୦ ବର୍ଗ କିଲୋମିଟର ଜଙ୍ଗଲ ଜଳି ଯାଇଥିଲା। ସେହିଭଳି ୨୦୧୯-୨୦ ମସିହାରେ ବ୍ରାଜିଲର ଆମାଜନ୍ ଜଙ୍ଗଲରେ ଲାଗିଥିବା ନିଆଁ ବିଶ୍ୱ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଥିଲା। ଦୀର୍ଘ ଆଠ ମାସ ଧରି ଲାଗିଥିବା ଏହି ନିଆଁରେ ହଜାର ହଜାର ମୂଲ୍ୟବାନ ଗଛ ଓ ଜୀବଜନ୍ତୁ ପୋଡ଼ି ପାଉଁଶ ହୋଇଯାଇଥିଲେ। ବ୍ରାଜିଲ୍ ସରକାର ସେତେବେଳେ ଏହାକୁ ଜାତୀୟ ବିପତ୍ତି ଘୋଷଣା କରିଥିଲେ। ସେହିଭଳି ୨୦୧୮ ଓ ୨୦୨୦ରେ ପଶ୍ଚିମ ଆମେରିକା ଏବଂ ବ୍ରିଟିଶ କଲମ୍ବିଆର ଜଙ୍ଗଲରେ, ୨୦୧୭-୧୮ ରେ କାନାଡ଼ା ଜଙ୍ଗଲରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ୨୦୨୦ ତାଞ୍ଜାନିଆର ଜଙ୍ଗଲରେ ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ହଜାର ହଜାର ବୃକ୍ଷରାଜି ନଷ୍ଟ ହୋଇଯାଇଥିଲା। ବ୍ୟାପକ ପରିମାଣରେ ଜଙ୍ଗଲ ପୋଡ଼ି ମାନବ ସଭ୍ୟତା, ଅର୍ଥ ବ୍ୟବସ୍ଥା ଓ ପରିବେଶ ଉପରେ ଗଭୀର ପ୍ରଭାବ ପକାଇଥାଏ।

## ୬୦ ପ୍ରତିଶତ ବନାଗ୍ନି ବୃଦ୍ଧି

ଜଳବାୟୁ ପରିବର୍ତ୍ତନ ଓ ତାପମାତ୍ର ବୃଦ୍ଧି ଯୋଗୁଁ ଭାରତୀୟ ଜଙ୍ଗଲଗୁଡ଼ିକରେ ନିଆଁ ଲାଗିବା ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଆଗାମୀ ଦିନରେ ଦେଶର ୬୦ ପ୍ରତିଶତ ଜଙ୍ଗଲରେ ନିଆଁ ବୃଦ୍ଧି ପାଇବାର ଆଶଙ୍କା ରହିଛି ବୋଲି ଏକ ଗବେଷଣାରୁ ଜଣାପଡ଼ିଛି। ନୂଆଦିଲ୍ଲୀସ୍ଥିତ ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥା ପକ୍ଷରୁ କରାଯାଇଥିବା ଗବେଷଣାରୁ ଏହା ଜଣାପଡ଼ିଛି। ଜଳବାୟୁ ପରିବର୍ତ୍ତନ ଓ ତାପମାତ୍ର ବୃଦ୍ଧି ସାରା ଜୀବଜଗତ ପାଇଁ ବିପଦ ରହିଛି। ଏଥିରୁ ଭାରତ ମଧ୍ୟ ସୁରକ୍ଷିତ ନୁହେଁ। ଏହାର ପ୍ରଭାବ ଦେଶର ବିଭିନ୍ନ କ୍ଷେତ୍ରରେ ପରିଲକ୍ଷିତ ହେଉଛି। ଆଇଆଇଟି, ଦିଲ୍ଲୀର ବୈଜ୍ଞାନିକମାନଙ୍କ ଦାବି ଅନୁସାରେ ତାପମାତ୍ର ବୃଦ୍ଧି ଯୋଗୁଁ ଭାରତୀୟ ଜଙ୍ଗଲରେ ନିଆଁ ଲାଗିବା ସମ୍ଭାବନା ଅଧିକ ରହୁଛି। ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଚଳିତ ଶତାବ୍ଦୀର ଶେଷ ଭାଗରେ ହିମାଳୟ ସହିତ ଦକ୍ଷିଣ ଭାରତର ଫାୟର୍ ୱେଦର୍ ଇଣ୍ଡେକ୍ସ (ଏଫ୍‌ଡବ୍ଲ୍ୟୁଆଇ)ରେ ଉଲ୍ଲେଖନୀୟ ବୃଦ୍ଧି ହେବ। ଏହାର ଅର୍ଥ ଏହି ଅଞ୍ଚଳରେ ଦାବାଗ୍ନି ଘଟଣା ପ୍ରଥମରୁ ବୃଦ୍ଧି ପାଇବ। ନିଆଁ ଲାଗିବା ଋତୁରେ ୧୨ରୁ ୬୧ ଦିନ ବୃଦ୍ଧି ପାଇବାର ଆଶଙ୍କା ରହିଛି। ଗବେଷଣା ଅନୁସାରେ ଶୁଷ୍କ ଜଙ୍ଗଲରେ ନିଆଁ ଲାଗିବା ଘଟଣା ୬୦ ପ୍ରତିଶତ ବୃଦ୍ଧି ପାଇବାର ଆଶଙ୍କା ରହିଛି। ତେବେ ଆର୍ଦ୍ର ଜଙ୍ଗଲରେ ୪୦ ପ୍ରତିଶତ କମ୍ ସମ୍ଭାବନା ରହିଛି। ପୂରା ଦେଶରେ ଜଙ୍ଗଲରେ ନିଆଁ ଲାଗିବା ସମ୍ଭାବନା ସମୟର କଥା କୁହାଯାଏ, ତେବେ ୬୧ ଦିନ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ମୌସୁମୀ ପୂର୍ବରୁ ୫୫ ପ୍ରତିଶତରୁ ଅଧିକ ଜଙ୍ଗଲରେ ନିଆଁ ଅଧିକ ବ୍ୟାପକ ରୂପରେ ଲାଗିଥାଏ। ଗବେଷଣାରୁ ଜଣାପଡ଼ିଛି ଯେ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ତାପମାତ୍ରା, ବର୍ଷା, ପବନର ଗତି ଓ ଆର୍ଦ୍ରତା ବଦଳିବାର ଆଶଙ୍କା ରହିଛି। ଏହା ସହିତ ଭବିଷ୍ୟତରେ ଜଙ୍ଗଲ ପୋଡ଼ି ଘଟଣା ବୃଦ୍ଧି ପାଇବାର ମଧ୍ୟ ଆଶଙ୍କା ରହିଛି।



## ସଂକଟରେ ଜୀବଜନ୍ତୁ

ଜଳବାୟୁ ପରିବର୍ତ୍ତନ ଓ ଦ୍ରୁତଗତିରେ ଜଙ୍ଗଲ ହ୍ରାସ ଯୋଗୁଁ ଅନେକ ଜଙ୍ଗଲୀ ଜୀବଜନ୍ତୁ ଲୋପ ପାଇବାରେ ଲାଗିଛନ୍ତି। ଅନେକ ବିରଳ ପ୍ରଜାତିର ପଶୁ,ପକ୍ଷୀ ଧୀରେ ଧୀରେ ପୃଥିବୀ ବକ୍ଷରୁ ନିଶ୍ଚିହ୍ନ ହେବାରେ ଲାଗିଛନ୍ତି। ବିଶେଷଜ୍ଞଙ୍କ ମତ ଅନୁସାରେ ୨୦୫୦ ମସିହା ସୁଦ୍ଧା ପୃଥିବୀର ଏକ –ଚତୁର୍ଥାଂଶ ପ୍ରଜାତିର ଜୀବଜନ୍ତୁ ବିଲୁପ୍ତ ହୋଇଯିବାର ଆଶଙ୍କା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜୀବନଜନ୍ତୁଙ୍କ ଶରୀର ଆକାରରେ ପରିବର୍ତ୍ତନ ଆସୁଛି। ଏହି ଗବେଷଣା ତଥ୍ୟ 'ଟ୍ରେଣ୍ଡସ ଇନ୍ ଇକୋଲୋଜି ଆଣ୍ଡ ଇଭୋଲ୍ୟୁସନ୍' ଜର୍ଣ୍ଣାଲରେ ପ୍ରକାଶ ପାଇଛି। କେତେକ ପକ୍ଷୀଙ୍କ ଥଣ୍ଟ ବଡ଼ ହେଉଛି ତ କାହାର ପାଦ ଏବଂ କାନ ବୃଦ୍ଧି ପାଉଥିବା ଦେଖାଯାଉଛି।





ସେହିପରି ସାଧବବୋହୂ ଭଳି ବିରଳ କୀଟ ପାଇଁ ପ୍ରତିକୂଳ ପରିସ୍ଥିତ ସୃଷ୍ଟି କରିଛି। ସେମାନେ ବିଲୁପ୍ତି ତାଲିକା ପରିସରଭୁକ୍ତ ହେବା ଆଶଙ୍କା କରାଯାଉଛି। ଗାଁ ଗଣ୍ଡାରେ ଗଛ କାଟିବା ଯୋଗୁଁ ବାଇଚଢ଼େଇ ବସା ତିଆରି କରିବାରେ ସମସ୍ୟା ହେଉଛି। ଆଉ ଏହି କାରଣ ଯୋଗୁଁ ସେମାନଙ୍କ ସଂଖ୍ୟା କମ୍ ହୋଇପାରେ। ଅନ୍ୟପକ୍ଷରେ ଚାଷରେ ବ୍ୟବହୃତ କୀଟନାଶକ ଘାତକ ସାଜିଛି ଘରଚଟିଆଙ୍କ ପାଇଁ। ଜଳବାୟୁ ପରିବର୍ତ୍ତନର ନକାରାତ୍ମକ ପ୍ରଭାବ କୋଆଲାଙ୍କ ଜୀବନଧାରଣ ଉପରେ ପଡୁଛି। ସମୁଦ୍ର ଜଳପତ୍ତନ ବୃଦ୍ଧି ସାମୁଦ୍ରିକ କଇଁଛଙ୍କ ପାଇଁ ବିପଦ ସୃଷ୍ଟି କରିଛି। ପୋଲାର ବିୟର ବା ମେରୁ ଭାଲୁଙ୍କ ପାଇଁ ମୁଖ୍ୟ ସମସ୍ୟା ସାଜିଛି ଜଳବାୟୁ ପରିବର୍ତ୍ତନ। ବରଫ ତରଳିବା ଯୋଗୁଁ ସେମାନଙ୍କ ବାସସ୍ଥାନ ସଙ୍କୁଚିତ ହେଉଛି। ସେହିପରି ଉତ୍ତପ୍ତ ଜଳବାୟୁ ଭଦଦଳିଆ ପକ୍ଷୀ, ଗୋଧି, ଏଣ୍ଡୁଅ ଆଦି ଜୀବଜନ୍ତୁଙ୍କ ବିଲୁପ୍ତିର ଅନ୍ୟମତ କାରଣ ହୋଇପାରେ।

## ଉଦ୍ଭିଦ ଜଗତ ପ୍ରତି ବିପଦ

ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସିଧାସଳଖ ପଡୁଛି ଉଦ୍ଭିଦ ଜଗତ ଉପରେ। ଖରା, ବର୍ଷା,ଶୀତରେ ଅନିୟମିତତା ଯୋଗୁଁ ଗଛଲତାଗୁଡ଼ିକ ଠିକ୍ ଭାବେ ବଢ଼ି ପାରୁନାହାଁନ୍ତି। ଫୁଲ, ଫଳ ଧରିବାରେ ବିଳମ୍ବ ହେଉଛି। ପୁଣି ମହୁଲ,ଚାର, ହରିଡ଼ା, ବାହାଡ଼ା, ଅଁଳା ଆଦି ଜଙ୍ଗଲଜାତ ଦ୍ରବ୍ୟ ଉତ୍ପାଦନରେ ହ୍ରାସ ପାଉଛି। ଏପରିକି ପନିପରିବା, ଫଳ ଆଦିର ମୌଳିକ ସ୍ୱାଦ ରହୁନାହିଁ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଋତୁକାଳୀନ ପନିପରିବା ଠିକ୍ ଭାବେ ଉତ୍ପାଦନ ହୋଇପାରୁନାହିଁ। ସେହିପରି ଜଙ୍ଗଲରେ ଅନେକ ଔଷଧୀୟ ଗୁଳ୍ମ ଲୋପ ପାଇବାରେ ଲାଗିଛି। ■



**ମାନବୀୟ କାର୍ଯ୍ୟକଳାପ ଯୋଗୁଁ ବାୟୁମଣ୍ଡଳର ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ସହରୀକରଣ ଓ ଉଦ୍ୟୋଗୀକରଣ ପୃଥିବୀକୁ ବିନାଶର ପାଦଦେଶରେ ପହଞ୍ଚାଇ ସାରିଲାଣି । ବଢୁଥିବା ତାପମାତ୍ରାର କେତେକ କାରଣ ମଧ୍ୟରେ ଖନନ, ଜଙ୍ଗଲ ନଷ୍ଟ, ପରିବେଶ ପ୍ରଦୂଷଣ ଅନ୍ୟତମ । ଜଳବାୟୁ ପରିବର୍ତ୍ତନ, ଗ୍ଲାସିୟର୍ ତରଳିବାଠୁ ନେଇ ଜୀବଜଗତ ଉପରେ କେମିତି ବିପଦ ସାଜିଛି; ତାହାକୁ ନେଇ ଏଇ ଉପସ୍ଥାପନା ।**



# ସଂକଟରେ ପ୍ରକୃତି

## ତରଳୁଛି ଗ୍ଲାସିୟର୍

କୌଣସି ସ୍ଥାନରେ ବହୁ ମାତ୍ରାରେ ବରଫ ଜମି ରହିଲେ ଓ ତାହା କମ୍ ତରଳିଲେ, ଜମା ହୋଇ ରହିଥିବା ବରଫ ଗ୍ଲାସିୟର୍ ରୂପ ନେଇଥାଏ । ଗ୍ଲାସିୟର୍‌ର ବିଭିନ୍ନ ଭାଗ ଅଲଗା ଅଲଗା ଗତିରେ ପ୍ରବାହିତ ହୋଇଥାଏ । ଏହା ପ୍ରତିଦିନ ୫୦ ମିଟର ପର୍ଯ୍ୟନ୍ତ ଦୋହଲିଥାଏ । ଗ୍ଲାସିୟର୍ ଦୁଇ ପ୍ରକାରର । ଗୋଟିଏ ଅଲ୍ପାଇନ ଗ୍ଲାସିୟର୍ ଓ ଅନ୍ୟଟି ବରଫ ଚାଦରରେ ଆଚ୍ଛାଦିତ ହୋଇଥିବା ଗ୍ଲାସିୟର୍ । ଜଳବାୟୁ ପରିବର୍ତ୍ତନ ଯୋଗୁଁ ଆଣ୍ଟାର୍କଟିକାର ପ୍ରାୟ ୮୭ ପ୍ରତିଶତ ଗ୍ଲାସିୟର୍ ତରଳିବାରେ ଲାଗିଛି । ରିପୋର୍ଟ ଅନୁସାରେ, ଆଣ୍ଟାର୍କଟିକାସ୍ଥିତ ୧୨ ଟି ଗ୍ଲାସିୟର୍ ୧୯୬୦ ମସିହା ପରେ ଅଧିକ ମାତ୍ରାରେ ତରଳିବାରେ ଲାଗିଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ଗ୍ଲାସିୟର୍ ପତଳା ହେବାରେ ଲାଗୁଛି । ପ୍ରତିବର୍ଷ ଆଣ୍ଟାର୍କଟିକାରେ ୧୫୦ ବିଲିୟନ୍ ଟନ୍ ବରଫ ତରଳୁ ଥିବାବେଳେ ଗ୍ରୀନ୍‌ଲ୍ୟାଣ୍ଡରେ ଏହାର ପରିମାଣ ରହିଛି ୨୭୦ ବିଲିୟନ ଟନ୍ । ନାସା ଓ ୟୁରୋପୀୟ ମହାକାଶ ସଂସ୍ଥାର ଏକ ମିଳିତ ଅଧ୍ୟୟନ ଅନୁଯାୟୀ, ୧୯୯୨ ରୁ ୨୦୧୮ ମସିହା ମଧ୍ୟରେ ସବୁଜ ଭୂମିରେ ବରଫର ଚାଦରରୁ ପ୍ରାୟ ୩.୮ ଟ୍ରିଲିୟନ ଟନ ବରଫ ତରଳି ସାରିଛି । ଭବିଷ୍ୟତରେ ଯଦି ଏଭଳି ପରିସ୍ଥିତି ଲାଗି ରହିବ, ତେବେ ୨୧୦୦ ମସିହା ଭିତରେ ସମୁଦ୍ରର ସ୍ତର ୩ ରୁ ୫ ଇଞ୍ଚ ବୃଦ୍ଧି ପାଇବ; ଯାହା ପୃଥିବୀ ପୃଷ୍ଠରେ ଭୟାନକ ପ୍ରାକୃତିକ ବିପର୍ଯ୍ୟୟର କାରଣ ସାଜିବାର ଆଶଙ୍କା ରହିଛି ।

## କୂଳ ଲଂଘୁଛି ସମୁଦ୍ର

ଗ୍ରୀନ୍‌ଲ୍ୟାଣ୍ଡ ଓ ଆଣ୍ଟାର୍କଟିକାରେ ଥିବା ବରଫ ଚାଦର, ପୃଥିବୀର ଦୁଇ-ତୃତୀୟାଂଶ ଜଳ ସଂଗ୍ରହ କରିଥାନ୍ତି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ପୃଥିବୀପୃଷ୍ଠରେ ଥିବା ସମୁଦ୍ର ଓ ମହାସାଗର ଗରମ ହେବାରେ ଲାଗିଛି, ଯାହା ବରଫକୁ ତରଳାଇ ୧୯୯୩ ମସିହା ପରେ ବୈଶ୍ୱିକ ସମୁଦ୍ରସ୍ତରର ଏକ-ତୃତୀୟାଂଶକୁ ବଢ଼ାଇଛି । ଗ୍ଲାସିୟର୍ ତରଳିବାର ପରିଣାମ ସ୍ୱରୂପ ତଟୀୟ କ୍ଷରଣ ବଢ଼ିଥାଏ । ଜଳବାୟୁ ପରିବର୍ତ୍ତନ ଯୋଗୁଁ ଗରମ ପବନ ବହିବା ଦ୍ୱାରା ବନ୍ୟା, ବତ୍ୟାର ପରିସ୍ଥିତି ମଧ୍ୟ ଅଧିକରୁ ଅଧିକ ଦେଖାଦେଉଛି । ବିଶେଷକରି ଓ ଗ୍ରୀନ୍‌ଲ୍ୟାଣ୍ଡ ଓ ଆଣ୍ଟାର୍କଟିକାର ବରଫ ଚାଦର ବୈଶ୍ୱିକ ସମୁଦ୍ରସ୍ତର ବୃଦ୍ଧିରେ ସବୁଠୁ ବେଶୀ ଯୋଗଦାନ ରଖିଥାନ୍ତି । ଗ୍ରୀନ୍‌ଲ୍ୟାଣ୍ଡସ୍ଥିତ ବରଫ ଚାଦର ୨୦୦୩ ମସିହା ତୁଳନାରେ ଚାରିଗୁଣା ଅଧିକ କମି କମି ଚାଲିଛି । ଫଳରେ ବର୍ତ୍ତମାନ ଏହା ସମୁଦ୍ରସ୍ତରର ବୃଦ୍ଧିରେ ୨୦ ପ୍ରତିଶତ ଯୋଗଦାନ ଦେଇଥାଏ । ଭବିଷ୍ୟତରେ ଗ୍ରୀନ୍‌ଲ୍ୟାଣ୍ଡ ଓ ଆଣ୍ଟର୍କଟିକାର ବରଫ କେତେ ମାତ୍ରାରେ ତରଳିବ, ତାହା ହିଁ ନିର୍ଣ୍ଣୟ କରିବ ସମୁଦ୍ର ଜଳସ୍ତର ବୃଦ୍ଧି । ଯାହା ମାନବଜାତି ପାଇଁ କାଳ ସାଜିପାରେ ।

ନ୍ୟାସନାଲ ସେଣ୍ଟର୍ ଫର୍ ସଷ୍ଟେନେବୁଲ୍ କୋଷ୍ଟାଲ୍ ମ୍ୟାନେଜମେଣ୍ଟ, ଚେନ୍ନାଇର ଆକଳନ ଅନୁସାରେ; ଓଡ଼ିଶାର ପ୍ରାୟ ୭୪ ପ୍ରତିଶତ ସମୁଦ୍ର ତଟବର୍ତ୍ତୀ ଗାଁ ସମୁଦ୍ର ତଟ ନଷ୍ଟ କାରଣରୁ ଗମ୍ଭୀର ରୂପରେ ପ୍ରଭାବିତ । ଯାହା ଦେଶରେ ସର୍ବାଧିକ । ଜୁନ ୨୦୧୮ ମସିହାର ସ୍ପେଟିୟଲ୍ ଇନ୍‌ଫର୍ମେସନ୍ ରିସର୍ଚ୍ଚ ଜର୍ଣ୍ଣାଲ୍‌ର ରିପୋର୍ଟ ଅନୁସାରେ, ଓଡ଼ିଶାର ପ୍ରାୟ ୧୯୬ କିଲୋମିଟର ସମୁଦ୍ର ତଟ ସମୁଦ୍ରସ୍ତର ବୃଦ୍ଧି ଯୋଗୁଁ ନଷ୍ଟ ହୋଇ ସାରିଛି । ସେହିଭଳି ଗତ ୫୦ ବର୍ଷ ମଧ୍ୟରେ ଓଡ଼ିଶାରେ ୯.୫ ସେଣ୍ଟିମିଟର ସମୁଦ୍ରସ୍ତର ବଢ଼ିଛି । ଭବିଷ୍ୟତରେ ଏହା ଭୟାନକ ବିପଦ ସୃଷ୍ଟି କରିପାରେ ବୋଲି ବିଶେଷଜ୍ଞମାନେ ଚେତାଇ ଦେଇଛନ୍ତି ।

## ନଦୀ ଜଳ ପ୍ରବାହ ହ୍ରାସ

ଜଳବାୟୁ ପରିବର୍ତ୍ତନର ବିଶେଷ ପ୍ରଭାବ ଜଳ ଉପରେ ପଡ଼ିଥାଏ । ତୀବ୍ରଗତିରେ ଗ୍ଲାସିୟର୍ ତରଳିବା ଦ୍ୱାରା ନଦୀର ପ୍ରବାହ ବଢ଼ି ଚାଲିବ । ଯଦ୍ୱାରା ବନ୍ୟାର ଆଶଙ୍କା ଆହୁରି ବଢ଼ିବ । ତା'ସହ ଗ୍ଲାସିୟର୍ ତରଳିବା ଦ୍ୱାରା ସେଥିରେ ପୋଷିତ ନଦୀ ଧୀରେ ଧୀରେ ବିଲୀନ ହେବାରେ ଲାଗିବେ । ୨୦୨୧ ମସିହାରେ ଜଳବାୟୁ ପରିବର୍ତ୍ତନ, ଭାରତରେ ମାନବତା ଓ ପରିସ୍ଥିତିକୁ ପ୍ରଭାବିତ କରିବା ଭଳି ଚରମ ଘଟଣା ଯଥା: କୋଭିଡ୍ ମହାମାରୀ, ବାତ୍ୟା, ବନ୍ୟା ଭଳି ପରିସ୍ଥିତି ଉପୁଜାଇଛି । ଗତ କିଛି ବର୍ଷ ହେବ ଭାରତର ଆସାମ, ବିହାର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ହିମାଚଳପ୍ରଦେଶ ଓ ତାମିଲନାଡୁ ଭଳି ରାଜ୍ୟରେ ଏହାର ବିନାଶକାରୀ ପ୍ରଭାବ ବନ୍ୟା ମାଧ୍ୟମରେ ପରିଲକ୍ଷିତ ହୋଇଛି । ଆମେରିକାର କଲରାଡୋ ଭଳି ନଦୀରେ ଜଳସ୍ତର କମି କମି ଚାଲିଛି । ଆଫ୍ରିକାର ମେଡାଗାସ୍କରରୁ ଆରମ୍ଭ କରି ମଧ୍ୟ ପୂର୍ବରେ ଇରାନ ପର୍ଯ୍ୟନ୍ତ ଏହି ପରିସ୍ଥିତି ଦେଖାଗଲାଣି । ସେପଟେ ଏସିଆ ଓ ଦକ୍ଷିଣ ଆମେରିକାର ପେଣ୍ଟାଗନ ଅଞ୍ଚଳରେ ମରୁଡ଼ି, ବନ୍ୟା, ବାତ୍ୟା ଭଳି ଘଟଣାର ବଢ଼ି ବଢ଼ି ଚାଲିଛି । ବିଶେଷଜ୍ଞଙ୍କ ଅନୁସାରେ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ଗତ କିଛି ବର୍ଷ ମଧ୍ୟରେ ଅରୁଣାଚଳ ପ୍ରଦେଶ ଓ ଆସାମର କେତେକ ବସ୍ତି ପାଣିରେ ବୁଡ଼ି ଲୀନ ହୋଇସାରିଛି । ଲୋକେ ବନ୍ୟାର ଭୟଙ୍କରୀ ପରିସ୍ଥିତିରେ ବାସହରା ସାଜିଛନ୍ତି । ଓଡ଼ିଶାରେ ମଧ୍ୟ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ ବଢ଼ି ବଢ଼ି ଚାଲିଛି । ଫନି, ଫାଇଲିନ୍, ହୁଡ୍‌ହୁଡ୍ ଭଳି ବାତ୍ୟା ରାଜ୍ୟର ମେରୁଦଣ୍ଡକୁ କ୍ଷଣକରେ ଭାଙ୍ଗି ଦେଉଛି । ଅବଶ୍ୟ ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ବଳରେ ଓଡ଼ିଶା ଏହାକୁ ପୁନଃ ସଜାଡ଼ି ଚାଲୁଛି ।

## ବିପଦରେ ଜୈବ ବିବିଧତା

ଜୈବବିବିଧତା ଆଜି ପରିବର୍ତ୍ତିତ ଜଳବାୟୁର ମାୟାଜାଲରେ ପଡି ନିଜ ଅସ୍ତିତ୍ୱ ହରାଇବାରେ ଲାଗିଛି । ଯାହାର ପରିଣାମ ବିଶ୍ୱର କୋଣଅନୁକୋଣରେ ଦେଖିବାକୁ ମିଳୁଛି । ସମୁଦ୍ର ବରଫ ଓ ଗ୍ଲାସିୟର ତରଳିବା ତଥା ମହାସାଗର ଗରମ ହେବା ଫଳରେ ବୈଶ୍ୱିକ ଜଳବାୟୁ ତଥା ମୌସୁମୀରେ ମଧ୍ୟ ପରିବର୍ତ୍ତନ ଦୃଶ୍ୟମାନ ହେବାରେ ଲାଗିଲାଣି । ଜୀବନ୍ତ ମତ୍ସ୍ୟପାଳନ ଉଦ୍ୟୋଗ ମଧ୍ୟ ଆଜି ପ୍ରଭାବିତ । କାରଣ ଗରମ ପାଣିରେ ମାଛର ଅଣ୍ଡା ଦେବା ସ୍ଥାନ ଓ ସମୟ ପରିବର୍ତ୍ତନ ହୋଇଯାଏ । ପରିବର୍ତ୍ତିତ ଜଳବାୟୁ ଦ୍ୱାରା କେବଳ ମଣିଷ ଯେ ପ୍ରଭାବିତ ହେଉଛି ତାହା ନୁହେଁ । ଏହା ଆଣ୍ଟାର୍କଟିକାରେ ସାମୁଦ୍ରିକ ବରଫ ତରଳିବା ଦ୍ୱାରା ୱାଲରସ୍ ଭଳି ଜୀବଙ୍କ ବଂଶକୁ ଲୋପ କରି ଦେଉଛି । ତାହା ସହ ମେରୁ ଭାଲୁ ବାସସ୍ଥାନ ହରାଇ ଭୂମିରେ ବସବାସ କରିବାକୁ ଆରମ୍ଭ କରି ସାରିଲାଣି, ଯାହା ମାନବ ଓ ଜୀବ ମଧ୍ୟରେ ସଂଘର୍ଷର କାରଣ ସାଜିଛି । ଜଳବାୟୁ ପରିବର୍ତ୍ତନ ପଶୁପକ୍ଷୀଙ୍କୁ ଉତ୍ତାପରେ ଆବଦ୍ଧ କରି ଦେଉଛି । ଫଳରେ ସେମାନେ ଅକାଳରେ ଜୀବନ ହରାଉଛନ୍ତି । ତା' ସହିତ ଋତୁଭିତ୍ତିକ ପରିବର୍ତ୍ତନ ଯୋଗୁଁ ଜୀବଜନ୍ତୁ ତଥା ବୃକ୍ଷଲତାର ପ୍ରଜନନ ଓ ପ୍ରବାସ ମଧ୍ୟ ଆଜି ବିପଦରେ ରହିଛି । ଯଦି ଜଳବାୟୁ ଏଭଳି ପରିବର୍ତ୍ତନ ହୋଇଚାଲେ, ତେବେ ୨୦୨୩୦ ମସିହା ସୁଦ୍ଧା ବୈଶ୍ୱିକ ତାପମାତ୍ରାରେ ୧.୫ ଡିଗ୍ରୀ ସେଲସିୟସ୍ ବୃଦ୍ଧି ଘଟିବ । ଫଳରେ ଜଙ୍ଗଲରେ ନିଆଁ ଜଳିବ, ବନ୍ୟା, ବାତ୍ୟା ନିଜର ଧ୍ୱଂସଲୀଳା ରଚାଇବ । ■













ଶିଶିର ବେହେରା

# ପ୍ରାଚୀନ ଓଡ଼ିଆ କାବ୍ୟରେ ଋତୁଚର୍ଯ୍ୟା



ପ୍ରକୃତି ସଦାକାଳେ ଜୀବନ ଓ ଜଗତକୁ ପ୍ରଭାବିତ କରିଆସିଛି। ଛ’ ଋତୁ ଓ ବାର ମାସରେ ଗୁନ୍ଥା ସମୟଚକ୍ର। ଋତୁ ବଦଳେ, ବଦଳିଯାଏ ସେହି ଅନୁସାରେ ପ୍ରକୃତିର ରୂପ। ବିଶ୍ୱସାହିତ୍ୟରେ ଋତୁଚର୍ଯ୍ୟାର ଏହି ବିବର୍ତ୍ତନ ଓ ବୈଚିତ୍ର୍ୟ ପରିଲକ୍ଷିତ। ପ୍ରତିଟି ଋତୁର ବୈଶିଷ୍ଟ୍ୟ ପ୍ରତିପାଦନ ସାଙ୍ଗକୁ ଜୀବନସହ ତା’ର ଘନିଷ୍ଠତାକୁ ଦର୍ଶାଇଛନ୍ତି କବି-ଲେଖକ। ଭାରତୀୟ ସାହିତ୍ୟରେ ଏହି ଷଡ଼ଋତୁର ବିଶେଷତ୍ୱ ଓ ତା’ର ନାନ୍ଦନିକ ପରିଚୟ ଅନନ୍ୟ। ବେଦବ୍ୟାସ, ବାଲ୍ମୀକିଙ୍କ ମଧ୍ୟ ଦେଇ କାଳିଦାସୀୟ ଋତୁଚର୍ଯ୍ୟା ଉନ୍ନତ ସୋପାନକୁ ଉତ୍ତୀର୍ଣ୍ଣ ହୋଇଛି। ବିଶେଷକରି ଆମ ଓଡ଼ିଆ ମଧ୍ୟଯୁଗୀୟ କାବ୍ୟଧାରା ଶୃଙ୍ଗାରଚେତନାକୁ ପ୍ରାଧାନ୍ୟ ଦେଇ ଗତିଶୀଳ ହୋଇଥିବାରୁ ଏହି ଋତୁ ପ୍ରାୟତଃ ଉଦ୍ଦୀପନା ବିଭାବ ରୂପେ କାର୍ଯ୍ୟକରିଛି। ନାୟକ-ନାୟିକାଙ୍କ ଯୌବନ, ପ୍ରେମ-ପ୍ରଣୟ, ମିଳନ-ବିଚ୍ଛେଦର ବିବିଧ ଅବସ୍ଥା ଓ ମାନସିକ ଆବେଗକୁ ଏହାରି ଭିତରେ ପ୍ରକାଶ କରିଛି କବି।

ଋତୁ ଏବଂ ନାରୀ ସାହିତ୍ୟରେ ହୋଇଛନ୍ତି ଏକାକାର। ମଧ୍ୟଯୁଗର କବିମାନେ ନାୟିକାକୁ କେନ୍ଦ୍ରବିନ୍ଦୁ ଭାବରେ ଗ୍ରହଣକରି କାବ୍ୟ ରଚନା କରିଛନ୍ତି। ସେଥିପାଇଁ କବିମାନେ ନାରୀ ତନୁରେ ବିବିଧ ଋତୁଙ୍କର ଅବସ୍ଥାନକୁ ଚିହ୍ନିତ କରିଛନ୍ତି। ସଂଯୋଗୀ ଜନ ଲାଗି ଏହା ଯେପରି ସୁଖଦ ହୋଇଛି, ବିଯୋଗୀଙ୍କ ପାଇଁ ହୋଇଛି ପୀଡ଼ାଦାୟୀ। ଲୋକନାଥ ବିଦ୍ୟାଧରଙ୍କ ‘ଚିତ୍ରକଳା’ କାବ୍ୟର ନବମ ଛାନ୍ଦରେ ସ୍ୱୟଂବର ସଭାକୁ ଆସିଥିବା ନୃପତିମାନଙ୍କ ନେତ୍ର ନାୟିକା ଶରୀରରେ ଷଡ଼ଋତୁକୁ ସନ୍ଧାନ କରିଛି। ଗ୍ରୀଷ୍ମ ଋତୁର ଶିରୀଷ ପୁଷ୍ପତୁଲ୍ୟ କୋମଳତା, ବର୍ଷା ଋତୁର ଅମ୍ବର ଆଚ୍ଛାଦିତ ତୁଙ୍ଗ ପୟୋଧର, ଶରତ ଋତୁର ନିର୍ମଳରୂପ ପରି ନାୟିକା ସକଳଙ୍କ ଚିତ୍ତ ଉଲ୍ଲାସକାରୀ ହୋଇଛି ଏବଂ ହେମନ୍ତ ଋତୁ ପରି ହେମାଙ୍ଗୀର ବେପଥୁ, ଶିଶିର ଋତୁର କୁନ୍ଦପୁଷ୍ପପରି ହାସ, ବସନ୍ତ ଋତୁର କୋକିଳସ୍ୱନ ପରି ନାୟିକାର କଣ୍ଠସ୍ୱର ମନେ ହୋଇଛି। କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରେ ଋତୁ ବର୍ଣ୍ଣନାର ଅପୂର୍ବ କଳା-କାରିଗରୀ ପାଠକଙ୍କୁ ବିସ୍ମିତ ଓ ବିମୋହିତ କରିଥାଏ। ‘ଲାବଣ୍ୟବତୀ’ର ୩୬ଛାନ୍ଦରେ ଗୋଟିଏ ପଦରେ ବସନ୍ତ, ଗ୍ରୀଷ୍ମ, ବର୍ଷା, ଶୀତ ଚାରୋଟି ଋତୁ ବର୍ଣ୍ଣିତ : “ପ୍ରବେଶ ସୁରଭି ଘନରସମୟ ଜଡ଼ବର ସୁରଞ୍ଜନ/ ସୁଖଦାତା ଘନସାର ପ୍ରକାଶରେ ହରିତାପ ପ୍ରଭଞ୍ଜନ।” ସେହିପରି ‘କୋଟିବ୍ରହ୍ମାଣ୍ଡ ସୁନ୍ଦରୀ’କା ବ୍ୟର ପଞ୍ଚବିଂଶ ଛାନ୍ଦର ‘ଆସାର ସଘନକାଳ ହୋଇ ଉଦୟ’ ପଦଟିରେ ଏକକାଳୀନ ବର୍ଷା, ଶୀତ, ଗ୍ରୀଷ୍ମ ଋତୁର ମାଧୁର୍ଯ୍ୟ ପ୍ରକଟିତ। ‘ଚନ୍ଦ୍ରଲେଖା’ କାବ୍ୟରେ ନୀଳଶାଢ଼ି ପରିହିତା ନାୟିକାଠାରେ ଉଭୟ ଷଡ଼ଋତୁ ଓ ଦିବାରାତ୍ରିର ସମାବେଶ ଘଟିଛି। କବିଙ୍କ ‘ବୈଦେହୀଶ ବିଳାସ’, ‘ପ୍ରେମସୁଧାନିଧି’, ‘ଚିତ୍ରକଳା’, ‘ରସିକହାରାବଳୀ’, ‘ରସଲେଖା’ରେ ଅନୁରୂପ ଋତୁବର୍ଣ୍ଣନାର ଚମତ୍କାରିତା ପରିଲକ୍ଷିତ। ଦୀନକୃଷ୍ଣ ଦାସଙ୍କ ‘ରସକଲ୍ଲୋଳ’, ଅଭିମନ୍ୟୁଙ୍କ ‘ବିଦଗ୍ଧ ଚିନ୍ତାମଣି’, ‘ପ୍ରେମ ଚିନ୍ତାମଣି’ରେ ଋତୁ ଚିତ୍ରଣର ମାଧୁର୍ଯ୍ୟ ପ୍ରକଟିତ। କବିଙ୍କ ବସନ୍ତ, ଗ୍ରୀଷ, ବର୍ଷା ଋତୁର ବର୍ଣ୍ଣନା ବେଶ୍ ହୃଦୟଗ୍ରାହୀ। ‘ବୈଦେହୀଶ ବିଳାସ’କାବ୍ୟର ଚତୁର୍ଦ୍ଦଶ ଛାନ୍ଦରେ କବି ବର୍ଷାଋତୁକୁ ସୀତାଙ୍କ ବିବାହକାଳୀନ ଉତ୍ସବ ଭାବରେ ତର୍କଣା କରିଛନ୍ତି। ମେଘମାଳାକୁ ହସ୍ତୀ, ମେଘଗର୍ଜନକୁ ବାଦ୍ୟଧ୍ୱନି, ବୃଷ୍ଟିପାତକୁ ବ୍ରାହ୍ମଣଙ୍କ ହସ୍ତନିର୍ଗତ ଜଳ, ବଜ୍ରନାଦକୁ ନାଗରା, ଇନ୍ଦ୍ରଧନୁକୁ ହାବେଳୀବାଣ, ମୟୂରକୁ ନର୍ତ୍ତକୀ, ବର୍ଷାର ଜଳସ୍ରୋତକୁ ନଗରର ସୈନ୍ୟ, ନଦୀକୁ ରାଜପଥ, ଜଳର ଫେନରାଶିକୁ ସୈନ୍ୟଙ୍କ ଶିରସ୍ତ୍ରାଣ ଏବଂ ରାଜପଥରେ ଥିବା ବୃକ୍ଷକୁ ଦୀପ ଭାବରେ ସ୍ୱୀକାର କରିଛନ୍ତି। ‘ବିଦଗ୍ଧ ଚିନ୍ତାମଣି’ର ୪୫ଛାନ୍ଦରେ କନ୍ଦର୍ପର ଧନୁସହିତ ଫୁଲଫୁଟିଥିବା ଲତା, ଶର ସହିତ ନିଆଳି, ଛୁରୀଅନାକୁ ଛୁରୀ, କମଳକଳିକୁ ବନ୍ଧୁକ, ତହିଁରେ ବସିଥିବା ଭ୍ରମରକୁ ଗୁଳି, ପରାଗରେଣୁକୁ ବାରୁଦରୂପେ ଚିତ୍ରଣ କରିଛନ୍ତି। ଗ୍ରୀଷ୍ମଋତୁ ବର୍ଣ୍ଣନା ମଧ୍ୟଦେଇ ପ୍ରଣୟୀଙ୍କ ବିରହ ଅନୁଚିନ୍ତା ସହ ପ୍ରଭାତ-ସନ୍ଧ୍ୟାର ମନୋରମ ଚିତ୍ର ଦେଖିବାକୁ ମିଳେ ରୀତିକାବ୍ୟରେ। ଦୀନକୃଷ୍ଣଙ୍କ ‘ରସକଲ୍ଲୋଳ’ର ପଞ୍ଚଦଶ ଛାନ୍ଦ, ଉପେନ୍ଦ୍ରଙ୍କ ‘କୋଟିବ୍ରହ୍ମାଣ୍ଡ ସୁନ୍ଦରୀ’ର ଅଷ୍ଟାଦଶ ଛାନ୍ଦ, ଦେବ ଦୁର୍ଲଭଙ୍କ ‘ରହସ୍ୟମଞ୍ଜରୀ’ ଅନ୍ତର୍ଗତ ଦ୍ୱାଦଶ ଛାନ୍ଦରେ ଗ୍ରୀଷ୍ମ ଋତୁକୁ ପ୍ରତ୍ୟକ୍ଷ କରିହୁଏ। ଏଥିସହିତ ‘ସୁଭଦ୍ରା ପରିଣୟ’, ‘ବିଦଗ୍ଧଚିନ୍ତାମଣି’, ‘ଚନ୍ଦ୍ରକଳା’ କାବ୍ୟରେ ବିରହ ବର୍ଣ୍ଣନାକାଳରେ ଶୃଙ୍ଗାରିକତାକୁ ଆରୋପ କରିଛନ୍ତି କବି। ବର୍ଷା ଋତୁ ନବଜୀବନର ସଂସ୍ଥାପକ, ପୁଲକ-ଶିହରଣ ସୃଷ୍ଟିକାରୀ, ପ୍ରବାସୀ ଓ ବିରହିଣୀଙ୍କ ସନ୍ତାପଦାୟୀ। ଶରତ ଋତୁର ନିର୍ମଳ ପ୍ରକୃତି ମଣିଷପ୍ରାଣରେ ତା’ର ପୁଲକ ସୃଷ୍ଟିକରେ। ହେମନ୍ତ ଓ ଶିଶିର ଋତୁର ବ୍ୟାପକ ରୂପ ଅଙ୍କନ ହୋଇନଥିଲେ ହେଁ ପ୍ରାଚୀନ କବିଙ୍କ ଲେଖନୀରେ ଉଭୟ ସମ୍ଭୋଗ ଓ ବିପ୍ରଲମ୍ଭର ବର୍ଣ୍ଣନା ରହିଛି। କିନ୍ତୁ, ସର୍ବାଧିକ ମର୍ଯ୍ୟାଦା ଲାଭକରିଛି ଋତୁରାଜ ବସନ୍ତ। ସଂସ୍କୃତ କାବ୍ୟଧାରାଠୁ ଆରମ୍ଭକରି ଓଡ଼ିଆ କାବ୍ୟ ପରମ୍ପରାରେ ବସନ୍ତର ମଧୁମୟ ଚିତ୍ର ଉତ୍କୀର୍ଣ୍ଣ ହୋଇଛି।

ବସନ୍ତ ଓ ଯୌବନ ସାଥୀ ହୋଇ ଓଡ଼ିଆ କାବ୍ୟକବିତାରେ ଆବିର୍ଭାବ ହୋଇଛନ୍ତି। ଏହା କାମିନୀଙ୍କର କାମ ଉଦ୍ରେକକାରୀ ଓ ରସିକଙ୍କ ଲାଗି ଲୋଡ଼ିବାପଣର ଅସରନ୍ତି ଆବେଗ। କାଳିଦାସଙ୍କ ମତରେ ଏହା ଚାରୁତର ସମୟ। ଶୀତ ପରଶରେ ଅଳସ ହୋଇପଡ଼ିଥିବା ପ୍ରକୃତି ନବ କିଶଳୟରେ ସଜେଇ ହୁଏ। ରଙ୍ଗବେରଙ୍ଗର ନେଳିନେଳି ଫୁଲରେ ଲଦି ହୋଇଯାଏ ଗଛଡାଳ। ରମଣୀୟ ଦିନ, କମନୀୟ ରାତି, ସୁଗନ୍ଧିତ ପବନ, ଆନନ୍ଦିତ ମୁହୂର୍ତ୍ତ, ସ୍ୱାସ୍ଥ୍ୟଅନୁକୂଳ ନାତିଶୀତୋଷ୍ଣ ଜଳବାୟୁ ପରଶି ଦେଉଥିବାରୁ ଅନ୍ୟାନ୍ୟ ଋତୁଙ୍କ ମଧ୍ୟରେ ଶ୍ରେଷ୍ଠଋତୁ ଭାବରେ ବସନ୍ତକୁ ସ୍ୱୀକାର କରାଯାଇଛି। ତେଣୁ ସେ ଋତୁରାଜ। ମଧ୍ୟକାଳୀନ ଓଡ଼ିଆ କାବ୍ୟରେ ଏହା ମଧୁମାସ, ବିମଳଋତୁ. ହୃଦୟୋନ୍ମେଷକାରୀ ଯୌବନର ଋତୁ, କୁସୁମସମୟ, କାଳରତନ, ଅତି ରସମୟ କାଳ ନାମରେ ସୁପରିଚିତ। ପ୍ରାୟ ସମସ୍ତ କବି ବସନ୍ତକୁ ନିଜ ତୂଳୀରେ ଆଙ୍କିଛନ୍ତି, ନାୟକ-ନାୟିକାଙ୍କୁ ଏହାର ସୌରଭରେ ଉଦ୍ଦୀପିତ କରାଇଛନ୍ତି। ଚୋରାଚଇତିର ସ୍ନିଗ୍ଧତା, ଫୁଲଫଗୁଣର ଆତସବାଜି, ଆମ୍ବବଉଳର ମିଠା ସୁବାସ, ଭ୍ରମରଗୁଞ୍ଜନ-କଳକଣ୍ଠର କୁହୁତାନ, ସୋରିଷ ଫୁଲର କ୍ଷେତ, ପଦ୍ମ-ପଳାଶ-କୃଷ୍ଣଚୂଡ଼ାର ରଙ୍ଗିନପାଖୁଡ଼ା, ରଙ୍ଗବେରଙ୍ଗର ନେଳିନେଳି ଫୁଲ ସବୁକିଛି ରହିଛି କାବ୍ୟପରିଧିରେ। ନରସିଂହ ସେଣ ତାଙ୍କ ‘ପରିମଳା’ କାବ୍ୟରେ ବସନ୍ତର ଚମତ୍କାର ଚିତ୍ର ଦେଇଛନ୍ତି: “ନାନା ବିଧିମତେ ତହିଁ ତରୁଲତାଗଣେ/କାହିଁ ନବପଲ୍ଲବ କାହିଁ କୁସୁମ ଜନ୍ମେ।/ମୁକୁଳି ଅଛନ୍ତି କାହିଁ ପଲ୍ଲବିତ କାହିଁ/ ସୁରଙ୍ଗ ବର୍ଣ୍ଣଦିଶେ ନବପଲ୍ଲବ ତହିଁ।” ବୀରମିତ୍ରୋଦୟ ସିଂହଦେବଙ୍କ ‘ଅନଙ୍ଗରଙ୍ଗିଣୀ’ କାବ୍ୟରେ ବସନ୍ତ ଐନ୍ଦ୍ରଜାଲିକ ରୂପେ ଚିତ୍ରିତ। ସେହିପରି ଦେବଦୁର୍ଲ୍ଲଭ ଦାସଙ୍କ ‘ରହସ୍ୟମଞ୍ଜରୀ’ର ଊନବିଂଶଛାନ୍ଦ, ବିଷ୍ଣୁଦାସଙ୍କ ‘ପ୍ରେମଲୋଚନା’ର ଦ୍ୱାଦଶ ଛାନ୍ଦ, ଅର୍ଜୁନ ଦାସଙ୍କ ‘ରାମବିଭା’ର ଦଶମ ଛାନ୍ଦ, ପ୍ରତାପ ରାୟଙ୍କ ‘ଶଶୀସେଣା’ର ଷଷ୍ଠ ଛାନ୍ଦରେ ବସନ୍ତର ସ୍ନିଗ୍ଧରୂପ ଅଙ୍କିତ। କବିସମ୍ରାଟ ଭଞ୍ଜଙ୍କ ବସନ୍ତ ବର୍ଣ୍ଣନା ଯେପରି ରସପୂର୍ଣ୍ଣ, ସେହିପରି ଅନତିକ୍ରମ୍ୟ। ‘ଲାବଣ୍ୟବତୀ’, ‘ବୈଦେହୀଶ ବିଳାସ’ ‘କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ’ରେ ଏହାର ପ୍ରମାଣ ମିଳେ। ‘ମଳୟ ଶିଖରୀ ଶିରୀ ଚୋରିକରି’ ହେଉ ଅବା ‘ବସନ୍ତ ସମୟ ଅତି ରସମୟ’ ପଙ୍କ୍ତି ହେଉ, ସର୍ବତ୍ର ବସନ୍ତର ମାଦକତା ଅନୁଭୂତ। ‘ଲାବଣ୍ୟବତୀ’ କାବ୍ୟରେ ନାୟିକାର ଅଙ୍ଗରେ ବସନ୍ତର ଆରୋପ ଅତ୍ୟନ୍ତ ହୃଦୟସ୍ପର୍ଶୀ। ନୂତନ ସ୍ତବକ ପରି ସ୍ତନାଙ୍କୁର, କୋକିଳସ୍ୱନ ପରି କଣ୍ଠସ୍ୱର, କେତକୀପୁଷ୍ପ ପରି ତନୁକାନ୍ତି, ନିଆଳି ଭଳି କରଯୁଗଳ, ଭ୍ରମରଭଳି ଚଞ୍ଚଳନେତ୍ର, ପୁନ୍ନାଗ ଭଳି ଯୌବନ, ନବପଲ୍ଲବ ପରି ଓଷ୍ଠାଧର, ମଲ୍ଲୀ ପରି ହାସର ଶୋଭା ବର୍ଣ୍ଣିତ। କବି ବିଷ୍ଣୁଦାସଙ୍କ ‘ପ୍ରେମଲୋଚନା’ କାବ୍ୟରେ ଆନନ୍ଦିତ ଧରଣୀର ଅନୁରାଗବତୀ ପ୍ରକୃତିର ସୁଷମା ସହିତ ବସନ୍ତର ସଖା କନ୍ଦର୍ପ ନାଗେଶ୍ୱର ପୁଷ୍ପକୋଦଣ୍ଡ ଧାରଣକରି ବିରହୀଜନଙ୍କୁ ଦଗ୍ଧୀଭୂତ କରିବା ଏବଂ ଭ୍ରମର-ଭାଟର ଯଶଗାନ କରିବାର ବର୍ଣ୍ଣନା ଦେଇଛନ୍ତି।

ପ୍ରାଚୀନ ଓଡ଼ିଆ କାବ୍ୟରେ ଋତୁଚର୍ଯ୍ୟାର ବର୍ଣ୍ଣିଳ ଆଭା ପ୍ରତିଭାତ ହୋଇଛି। ବିଷ୍ଣୁ ଦାସଙ୍କ ‘ପ୍ରେମଲୋଚନା’, ରଘୁନାଥ ପରିଚ୍ଛାଙ୍କ ‘ରାଧାମାଧବ ବିଳାସ’, ପଦ୍ମନାଭ ଶ୍ରୀଚନ୍ଦନଙ୍କ ‘ଶଶୀରେଖା’, ଜଗନ୍ନାଥ ନାରାୟଣ ଦେବଙ୍କ ‘ପ୍ରଭାବତୀ ପରିଣୟ’, ‘ନରସିଂହ ସେଣଙ୍କ ‘ପରିମଳା’, ଧନଞ୍ଜୟ ଭଞ୍ଜଙ୍କ ‘ଅନଙ୍ଗରେଖା’, ‘ମଦନମଞ୍ଜରୀ’, ଯଦୁମଣି ମହାପାତ୍ରଙ୍କ ‘ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର’, ‘ରାଘବବିଳାସ’, ରାଧାମୋହନ ରାଜେନ୍ଦ୍ରଦେବଙ୍କ ‘ପ୍ରେମମଞ୍ଜରୀ’, ‘ଲୋକନାଥ ଦାସଙ୍କ ‘ଚିତ୍ରକଳା’, ରଘୁନାଥ ଭଞ୍ଜଙ୍କ ‘ସର୍ବାଙ୍ଗସୁନ୍ଦରୀ’, ବୀରମିତ୍ରୋଦୟ ସିଂହଦେବଙ୍କ ‘ଅନଙ୍ଗରଙ୍ଗିଣୀ’, ବ୍ରଜନାଥ ବଡ଼ଜେନାଙ୍କ ‘ଅମ୍ବିକାବିଳାସ’, କରୁଣାକର ପଟ୍ଟନାୟକଙ୍କ ‘କୃଷ୍ଣରସାମୃତ’, ଶ୍ୟାମସୁନ୍ଦର ଦେବଙ୍କ ‘ଅନୁରାଗ କଳ୍ପଲତା’, ଆଦି କାବ୍ୟରେ ଷଡ଼ଋତୁର ପ୍ରତୁଳ ବର୍ଣ୍ଣନାକୁ ଲକ୍ଷ୍ୟ କରାଯାଏ। ସେହିପରି କବି ପ୍ରତାପ ରାୟ, କବିସୂର୍ଯ୍ୟ ବଳଦେବ, ଭକ୍ତଚରଣ, ଶିଶୁଶଙ୍କର, ଅର୍ଜୁନ ଦାସ, ଲୋକନାଥ ବିଦ୍ୟାଧର. ବନମାଳୀ ଦାସ, କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା, ଭୂପତି ପଣ୍ଡିତ, ଘନଭଞ୍ଜ, କେଶବରାଜ ହରିଚନ୍ଦନ, ତ୍ରିବିକ୍ରମ ଭଞ୍ଜ, ତ୍ରିପୁରାରୀ ଦାସ, ଦନାଇଦାସ, ନିଶଙ୍କରାୟ ରାଣୀ, ପୀତାମ୍ବର ଦେବ, ଚକ୍ରପାଣି ପଟ୍ଟନାୟକ, ରାମଚନ୍ଦ୍ର ପଟ୍ଟନାୟକ, ଶ୍ୟାମସୁନ୍ଦର ଭଞ୍ଜ ପ୍ରଭୃତି ବହୁ ପ୍ରାଚୀନଓଡ଼ିଆ କବିଙ୍କ କାବ୍ୟକବିତାରେ ଋତୁଚର୍ଯ୍ୟାର କଳାତ୍ମକ-ସୌନ୍ଦର୍ଯ୍ୟ ପ୍ରକାଶ ପାଇଛି। ପ୍ରସଙ୍ଗକ୍ରମେ ଋତୁକାଳୀନ ପ୍ରଭାତ, ଦିବସ. ମଧ୍ୟାହ୍ନ, ଅପରାହ୍ଣ, ସନ୍ଧ୍ୟା, ରାତ୍ରିର ଚିତ୍ରମଧ୍ୟ ପ୍ରଦତ୍ତ ହୋଇଛି। କେବଳ କାବ୍ୟ ନୁହେଁ; ଗୀତି କବିତାରେ ମଧ୍ୟ ପ୍ରାଚୀନ କବି ତାଙ୍କ ଋତୁଚର୍ଯ୍ୟାକୁ କମନୀୟ ଭାବରେ ଚିତ୍ରଣ କରିବା ସହ ଋତୁକାଳୀନ ଫୁଲ, ଫଳ, ଯାନିଯାତ୍ରା, ଉତ୍ସବାଦିର ପରିଚୟ ପ୍ରଦାନ କରିଛନ୍ତି। ପ୍ରାଚୀନ ଓଡ଼ିଆ କାବ୍ୟରେ ଋତୁ ପରମ୍ପରା ଏକ ସମ୍ଭ୍ରାନ୍ତ ଓ ଗୌରବୋଜ୍ଜ୍ୱଳ ଇତିହାସ ସୃଷ୍ଟି କରିଛି ବୋଲି କୁହାଯାଇପାରେ। ଆଲଙ୍କାରିକ ପାଟବତାରେ ପ୍ରାଚ୍ୟ ରୀତି ଅନୁସରଣରେ ଓଡ଼ିଆ କବି ଯେପରି ପ୍ରକୃତିକୁ କାବ୍ୟନ୍ତର୍ଭୁକ୍ତ କରିଛି, ତାହା ଆଧୁନିକକାଳର ଗଦ୍ୟ-ପଦ୍ୟ ସାହିତ୍ୟ ମଧ୍ୟ ଦେଇ ଆଜି ଯାଏଁ ଲେଖକଙ୍କୁ ପ୍ରଭାବିତ କରିଆସିଛି। ଋତୁବର୍ଣ୍ଣନା କେବଳ ଔପଚାରିକତା ହୋଇନାହିଁ;ମଣିଷର ମାନସିକତାକୁ ବ୍ୟକ୍ତ କରିବାରେ ତାହା ହୋଇଛି ପ୍ରମୁଖ ସହାୟକ। ଓଡ଼ିଆ ସାହିତ୍ୟର ସେହି ବିଶାଳ ଋତୁଚର୍ଯ୍ୟାର ପରିଚୟ ଏକ ଦୀର୍ଘ ଆଲୋଚନାର ଅପେକ୍ଷା ରଖେ। ■



ସହକାରୀ ପ୍ରଫେସର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ



# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## ମହାବିଜୟର ଶଙ୍ଖନାଦ

ଆଉ ଏକ ମହାବିଜୟ ଲକ୍ଷ୍ୟରେ ଅଗ୍ରସର ହେଉଛନ୍ତି ଶଙ୍ଖପତି ନବୀନ। ୨୦୦୦ ମସିହାରୁ କ୍ରମାଗତ ବିଜୟ ଓ ନିରବଚ୍ଛିନ୍ନ କ୍ଷମତା ଦଖଲ କରି ଆସିଥିବା ବିଜୁ ଜନତା ଦଳର ମୁଖିଆ ୨୦୨୪ରେ ପୁନର୍ବାର ରାଜ୍ୟରେ କ୍ଷମତା ଦଖଲ କରିବେ। ଅତୀତରେ ସମସ୍ତ ନିର୍ବାଚନର ରେକର୍ଡ଼ ଆଗାମୀ ନିର୍ବାଚନରେ ନବୀନଙ୍କ ନେତୃତ୍ୱରେ ବିଜେଡି ଭାଙ୍ଗିବ, ଏପରିକି ବିଜୁ ପଟ୍ଟନାୟକଙ୍କ ୧୨୩ ବିଧାନସଭା ଆସନ ବିଜୟକୁ ଏଥର ବିଜେଡି ଭାଙ୍ଗି ଆହୁରି ଅଧିକ ଆସନରେ ଜିତିବ ବୋଲି ଜାତୀୟ ସଂସ୍ଥାଗୁଡ଼ିକର ଭବିଷ୍ୟବାଣୀ ଏବେ ବିରୋଧୀଙ୍କ ନିଦ ହଜାଇ ଦେଇଛି। ଏହି ରିପୋର୍ଟ ଆସିବା ପରେ ରାଜ୍ୟର ଦୁଇ ବିରୋଧୀ ଦଳ ଆଗାମୀ ନିର୍ବାଚନରେ ଶଙ୍ଖପତିଙ୍କ ମୁକାବିଲା କରିବାକୁ ଶକ୍ତି ହରାଇ ବସିଛନ୍ତି ବୋଲି ମଧ୍ୟ କେହିକେହି କହିବା ଆରମ୍ଭ କରିଛନ୍ତି। ରାଜ୍ୟରେ ହାତ ଦଳର ଅବସ୍ଥା କ'ଣ କାହାକୁ ଅଜଣା ନାହିଁ। ଗଲା ଭୋଟ ବେଳେ ବିଭିନ୍ନ ସ୍ଥାନରେ ଦଳର ମନୋନୀତ ପ୍ରାର୍ଥୀ ଶେଷ ମୁହୂର୍ତ୍ତରେ ପ୍ରତିଦ୍ୱନ୍ଦ୍ୱିତା ନ କରିବାକୁ ଘୋଷଣା କରି କଂଗ୍ରେସର ମାନମହତକୁ ରାସ୍ତାରେ ଗଡ଼ାଇ ଦେଲେ। ତେଣୁ ଏଥର ଇଜ୍ଜତ ବଞ୍ଚାଇବାକୁ ହାତ ଦଳିଆ ନେତାମାନେ ଜେଏମଏମ୍, ବାମପନ୍ଥୀଙ୍କ ସହ ମେଣ୍ଟ କରିବାକୁ ଆଗୁଆ ଘୋଷଣା କରି ଦେଇଛନ୍ତି। ଗଲା ନିର୍ବାଚନରେ ବିଜୟ ଲାଭ କରିଥିବା ୯ ଓ ଦ୍ୱିତୀୟସ୍ଥାନରେ ଥିବା ଆସନକୁ ମିଶାଇ ସର୍ବାଧିକ ୫୦ ଆସନ ଉପରେ ଦଳ ଫୋକସ କରିବ ବୋଲି ଶୁଣାଯାଉଛି। ଏପଟେ ପଦ୍ମ ଦଳିଆ ବି ଅଧେ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ନ ପାଇ ଅନ୍ୟ ଦଳର ବହିଷ୍କୃତ, ବିତାଡ଼ିତ ଜନବିରୋଧୀଙ୍କୁ କୋଳେଇବାରେ ଲାଗି ପଡ଼ିଛନ୍ତି। ହେଲେ ଶଙ୍ଖର ବିଜୟ ଯାତ୍ରାକୁ ରୋକିବାକୁ ବିରୋଧୀଙ୍କ ପାଖରେ ନା ଅଛନ୍ତି ଲୋକ, ନା ଅଛି ଲୋକଙ୍କ ସମର୍ଥନ। ସେଥିପାଇଁ ଆଗାମୀ ନିର୍ବାଚନରେ ମହାବିଜୟର ଶଙ୍ଖନାଦ କରିବାକୁ ଶଙ୍ଖଦଳିଆ କୁଆଡ଼େ ଏବେଠୁ ପ୍ରସ୍ତୁତି ଆରମ୍ଭ କଲେଣି। ■



## ହୁଗୁଳୁଛି ଶେଣୀ ବାଉଁଶ

ମାଷ୍ଟରକ୍ୟାଣ୍ଟିନ ଛକରେ ହାତ ଦଳ ମଠ ସିନା ଧଳାରେ ଧୋଉଲା ହୋଇ ସଦର୍ପେ ଠିଆ ହୋଇଛି; ହେଲେ ସାରା ରାଜ୍ୟରେ ଦଳର ସଙ୍ଗଠନ ଚାଳିଆ ଭୁଶୁଡ଼ିବା ଅବସ୍ଥାରେ ପହଞ୍ଚିଗଲାଣି। ନିଜ ଉଦ୍ୟମରେ ନିଜ ସ୍ଥିତି ବଞ୍ଚାଇ ରଖିଥିବା କିଛି ନେତା ଦଳର ସମର୍ଥନ ନ ପାଇ ସଙ୍ଗଠନ ଚାଳିଆରୁ ଶେଣୀ ବାଉଁଶ ଖୋଲି ବିକିବାକୁ ବସିଲେଣି। ଦଳ ପକ୍ଷରୁ ଯଦି ସେମାନଙ୍କୁ ଠିକ୍ ସମୟରେ ଆବଶ୍ୟକ ସହାୟତା ନ ମିଳେ, ସେମାନେ ଭାଡ଼ି ଭାଙ୍ଗି ଅନ୍ୟତ୍ର ଡ଼ିଆଁ ମାରିବେ ବୋଲି ବି ପରୋକ୍ଷରେ ଚେତାବନୀ ଦେଇ ସାରିଲେଣି ବୋଲି ଶୁଣିବାକୁ ମିଳୁଛି। କେଇଦିନ ତଳେ ହାତ ଦଳର ସବୁଠୁ ଚର୍ଚ୍ଚିତ ଯୁବ ନେତା ରାହୁଲ ଓଡ଼ିଶା ଦେଇ ପଦଯାତ୍ରା କଲେ। ରାହୁଲଙ୍କ ଗସ୍ତ ପରେ ରାଜ୍ୟ ହାତ ଦଳ ମଜବୁତ ହେବ ବୋଲି ଦଳର କର୍ମୀମାନେ ଭାବୁଥିଲେ। ରାଜ୍ୟ ହାତମଠ ମହନ୍ତ ଶରତ ରାଜ୍ୟ ପ୍ରଭାରୀ ଅଜୟ ଓ ପ୍ରଚାରକ ବିଜୟଙ୍କ ସହ ମିଶି ବିଧାନସଭାରେ ଦଳର ସଂଖ୍ୟାକୁ ୯ରୁ ୯୦ରେ ପହଞ୍ଚାଇବେ ବୋଲି ଘୋଷଣା ବି କରି ଦେଇଥିଲେ, ମାତ୍ର ଫଳ ଫଳିଲା ବିପରୀତ। ରାହୁଲ ରାଜ୍ୟରୁ ଯାଉଯାଉ ଦଳର ଦୁଇ ପୂର୍ବତନ ବିଧାୟକ, ତିନି ପୂର୍ବତନ ସଭାପତିଙ୍କ ସହ ଡ଼ଜନେରୁ ଅଧିକ ନେତା ଦଳର ଭଙ୍ଗା ବାଡ଼ ଡ଼େଇଁ ପାର୍। ଥୋଡ଼େ ଏରୋଡ୍ରମ ପଡ଼ିଆ ମୁହାଁ ତ କିଛି ରାମମନ୍ଦିର ଆଖଡ଼ାକୁ ମୁହାଁ। କେନ୍ଦ୍ରାପଡ଼ା, ଅନୁଗୋଳ, ବରଗଡ଼, ବଲାଙ୍ଗୀର, ଝାରସୁଗୁଡ଼ା ଆଦି ଜିଲ୍ଲା ତ ଏକପ୍ରକାର ହାତଛେଉଣ୍ଡ। ଖାଲି ଏହି ଜିଲ୍ଲା କାହିଁକି ଅନ୍ୟ ଜିଲ୍ଲାଗୁଡ଼ିକରେ ବି ଅନୁରୂପ ଅବସ୍ଥା। ଆଉ ଶୁଣାଯାଉଥିବା କଥାକୁ ଯଦି ସତ ବୋଲି ମନେ କରାଯାଏ, ତେବେ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ନିର୍ବାଚନ ଘୋଷଣା ପୂର୍ବରୁ ଆଉରି କିଛି ଟାଣୁଆ ନେତା ଦଳକୁ ଅନାଥ କରି ଚାଲି ଯାଇଥିବେ। ■



## ସୁନ୍ଦରଗଡ଼ କୁସୁମ ମଳିନ

ଗଲା ଭୋଟରେ ଯୋଗେଶଙ୍କ ଗଡ଼ ସୁନ୍ଦରଗଡ଼ରେ ଟହଟହ ହୋଇ ଫୁଟିଥିବା କୁସୁମ କୁଆଡ଼େ ଏବେ ଝାଉଁଳିବା ଆରମ୍ଭ କରିଛି। ହେମଗିରି ଆଡୁ କୋଇଲା ଧୂଳି ଓ ରାଜଗାଙ୍ଗପୁର ଆଡୁ ପାଉଁଶ ଉଡ଼ିଉଡ଼ି ସୁନ୍ଦରଗଡ଼ କୁସୁମଙ୍କୁ ମଇଳା କରି ଦେଇଛି। କୁହାଯାଉଛି ଯେ କୁସୁମଙ୍କ ଲୋକପ୍ରିୟତାର ହ୍ରାସ ପଛରେ ତାଙ୍କ ନିଜ ଲୋକମାନଙ୍କ ମଧ୍ୟରୁ ଦୁଇଜଣଙ୍କର ପ୍ରମୁଖ ଭୂମିକା ରହିଛି। ଜଣେ ହେଉଛନ୍ତି ତାଙ୍କରି ଦଳର ସୁନ୍ଦରଗଡ଼ ମଣି ସାଂସଦ, ଆଉ ଜଣେ ହେଉଛନ୍ତି ତାଙ୍କର ପରିବାରର ଜଣେ ବ୍ୟକ୍ତି। ସୁନ୍ଦରଗଡ଼ରେ ନିଜର ଜଣେ ଘନିଷ୍ଠ ଅନୁଗତଙ୍କୁ ପ୍ରାର୍ଥୀ କରିବାକୁ ଆଗ୍ରହୀ ସାଂସଦ କୁସୁମଙ୍କ ରାସ୍ତାରେ କଣ୍ଟା ବିଛାଇ ଦେଇଛନ୍ତି। ଆଉ କୁସୁମଙ୍କୁ ଢ଼ାଲ କରି ବ୍ୟକ୍ତିଗତ ବ୍ୟବସାୟ ବଢ଼ାଇ ଚାଲିଥିବା ତାଙ୍କର ସମ୍ପର୍କୀୟଙ୍କ କାର୍ଯ୍ୟକଳାପ ଲୋକଙ୍କ ମନରେ କୁସୁମଙ୍କ ପ୍ରତି ଅସନ୍ତୋଷ ବୃଦ୍ଧି କରିଛି। ଯାହାର ପ୍ରମାଣ ନିକଟ ଅତୀତରେ ଦେଖିବାକୁ ମିଳି ସାରିଛି। ସୁନ୍ଦରଗଡ଼ରେ ପଦ୍ମ ଦଳକୁ କ୍ଷମତାର ସ୍ୱାଦ ଚଖାଇଥିବା କୁସୁମଙ୍କ ପତିଆରା ହ୍ରାସର ପ୍ରମାଣ ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ପ୍ରମାଣିତ ହୋଇଛି। ଏତିକି ବେଳକୁ ଯୋଗେଶ ଦଳବଳ ସହ ଶକ୍ତି ସଞ୍ଚୟ କରି କୁସୁମଙ୍କୁ ଛିଡ଼ାଇ ଫିଙ୍ଗିଦେବାକୁ ପୁରା ଦମ୍‌ରେ ଲାଗି ପଡ଼ିଛନ୍ତି। କୁସୁମଙ୍କ ସଙ୍ଗଠନ ସହ ତାଙ୍କର ଛାମୁଆଁ ସହଯୋଗୀମାନଙ୍କୁ ନିଜ ସପକ୍ଷକୁ ନେବାରେ ଯୋଗେଶ ଧୀରେଧୀରେ ସମର୍ଥ ହୋଇଥିବା କୁହାଯାଉଛି। ଯେଉଁ ଗତିରେ ଯୋଗେଶ ଅଗ୍ରସର ହେଉଛନ୍ତି, ତାହା ଯଦି ଅବ୍ୟାହତ ରହେ ସୁନ୍ଦରଗଡ଼ରେ ୨୦୧୪ ନିର୍ବାଚନ ଫଳର ପୁନରାବୃତ୍ତି ହେବା ଅସମ୍ଭବ ନୁହେଁ ବୋଲି ଅନେକ ବିଚାର କରୁଛନ୍ତି। ■



## ପୁଲିସ ବଦଳରେ ଡାକ୍ତର

ନିଜ ଆବଶ୍ୟକତା ପାଇଁ ନେତା ଆମଦାନୀ କରିବା ଓ ସେମାନଙ୍କୁ ବ୍ୟବହାର କରି ଫିଙ୍ଗିଦେବା ରାଜ୍ୟ ପଦ୍ମ ଦଳିଆ ନେତାଙ୍କ ଏକ ଚିରାଚରିତ ଅଭ୍ୟାସ। ପଦ୍ମ ଦଳ ଦ୍ୱାରା ବ୍ୟବହୃତ ଓ ପରିତ୍ୟକ୍ତ ନେତାଙ୍କ ସଂଖ୍ୟା ଅଗଣନ। ଓଡ଼ିଶାରେ ଦିଲ୍ଲୀପ ରାୟଙ୍କଠାରୁ ଆରମ୍ଭ କରି ବିଜୟ ମହାପାତ୍ର, ଗିରିଧର ଗମାଙ୍ଗ, ଜୟରାମ ପାଙ୍ଗି, ଦାମୋଦର ରାଉତଙ୍କ ବାଟ ଦେଇ ଏହି ତାଲିକା ବେଶୀ ଦୀର୍ଘ। ଏବେ ଏହି ସୂଚୀରେ ପୁରୁଣା ପୁଲିସ ବାବୁ ପ୍ରକାଶ ମିଶ୍ରଙ୍କ ନାମ ଯୋଡ଼ି ହେବାକୁ ଯାଉଛି। ଗଲା ଭୋଟ ବେଳେ କଟକ ଲୋକସଭା ଆସନରୁ ପ୍ରକାଶ ମିଶ୍ରଙ୍କୁ ଦଳ ପ୍ରାର୍ଥୀ କରିଥିଲା। ଠିକ୍ ନିର୍ବାଚନ ପୂର୍ବରୁ ପ୍ରକାଶଙ୍କ ନାମ ଘୋଷଣା କରାଗଲା। ନିର୍ବାଚନରେ ପ୍ରକାଶଙ୍କ ପରାଜୟ ପରେ ଦଳ ତାଙ୍କୁ ଭୂଲିଗଲା ଓ ପ୍ରକାଶ ବି ନିଜ ନିର୍ବାଚନମଣ୍ଡଳୀକୁ ଭୂଲିଗଲେ। ଢ଼େର ଦିନ ହେଲା ପ୍ରକାଶଙ୍କୁ ନା କଟକରେ ଦେଖିବାକୁ ମିଳୁଛି, ନା ଦଳୀୟ ନେତାମାନେ ତାଙ୍କୁ କାର୍ଯ୍ୟାଳୟରେ ଲୋଡ଼ୁଛନ୍ତି। ଏବେ ଶୁଣାଯାଉଛି ଆଗାମୀ ନିର୍ବାଚନରେ ପୁଲିସ ପ୍ରକାଶଙ୍କ ପରିବର୍ତ୍ତେ ପଦ୍ମ ଦଳ ଡାକ୍ତର ପୂର୍ଣ୍ଣଚନ୍ଦ୍ରଙ୍କୁ କଟକ ରାଜନୀତି ପଶାପାଲିରେ ବାଜିରେ ଲଗାଇବାକୁ ଯୋଜନା କରିଛି। ଡାକ୍ତର ପୂର୍ଣ୍ଣ କୁଆଡ଼େ ଔଷଧ ଦେଇ କଟକରେ ପଦ୍ମ ଦଳ ଗର୍ଭାଶୟରେ ବିଜୟ ସଞ୍ଚାର କରିବାକୁ ସକ୍ଷମ ହେବେ ବୋଲି ରାମମନ୍ଦିର ଆଖଡ଼ା ନେତାମାନେ ଆଶାବାନ୍ଧି ବସିଛନ୍ତି। ଏପରିକି ରାମମନ୍ଦିର ଆଖଡ଼ାର କିଛି ନେତା, ଜଣେ କେନ୍ଦ୍ରମନ୍ତ୍ରୀ ଓ ତାଙ୍କ ଘନିଷ୍ଠ ଅନୁଗତମାନେ ପୂର୍ଣ୍ଣଚନ୍ଦ୍ରଙ୍କୁ କଟକରୁ ଲୋକସଭା ଟିକେଟ ପ୍ରଦାନ ଦିଆଯିବ ବୋଲି ଅଲିଖିତ ପ୍ରତିଶ୍ରୁତି ଦେଇଥିବା ବି ସିଡ଼ିଏ ଅଞ୍ଚଳରେ ଚର୍ଚ୍ଚା ହେଉଛି। ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ। ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ। ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ।